## ସଂକ୍ଷେପରେ

### ମାଙ୍କଡ଼ କାମୁଡ଼ାରେ ୪ ଗୁରୁତର

ବିଞ୍ଝାରପୁର,୬।୫(ରାମକୃଷ୍ଣ ଦାସ): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ କଏଣା-ରଘୁନାଥପୁର ପଞ୍ଚାୟତ ନରୁଆ ଗ୍ରାମରେ ମାଙ୍କଡ଼ କାମୁଡାରେ ୪ ଜଣ ଗୁରୁତର ହୋଇଥିବା ଜଣାପଡ଼ିଛି। ସେମାନେ ହେଲେ ଗ୍ରାମର ସଞ୍ଜୟ ରାଉତ, କିରଣବଳା ଦାସ, ବେବିନା ବେହେରା ଓ ସୁର ଜେନା। ସମସ୍ତେ ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି। ସୋମବାର ପୂର୍ବାହ୍ନରେ ୩ ମାଙ୍କଡ଼ ଆସି ସେମାନଙ୍କୁ ଆକ୍ରମଣ କରିଥିବାରୁ ଗ୍ରାମବାସୀ ଆତଙ୍କିତ ଅବସ୍ଥାରେ ଅଛନ୍ତି। ଗ୍ରାମବାସୀଙ୍କ ପକ୍ଷରୁ ମାଙ୍କଡ଼ ପଲଙ୍କୁ ତଡ଼ିବା ପାଇଁ ବନବିଭାଗ ନିକଟରେ ଦାବି ହୋଇଛି।

### ମାରୁୱାଡି ମହିଳା ସମାଜ ପକ୍ଷରୁ ଜଳ ସେବା

ଯାଜପୁରରୋଡ୍,୬।୫(ପବିତ୍ର ରଞ୍ଜନ ମହାନ୍ତି): ବ୍ୟାସନଗର ପୌର ପରିଷଦ ମୁଖ୍ୟ ରାସ୍ତା ଲକ୍ଷ୍ମୀନାରାୟଣ ମନ୍ଦିର ନିକଟରେ ମାରୱାଡି ମହିଳା ସମାଜ ପକ୍ଷରୁ ଜଳଛତ୍ର ସେବା ଆରମ୍ଭ ହୋଇଛି। ପ୍ରବଳ ଗ୍ରୀଷ୍ମ ପ୍ରବାହରେ ରାସ୍ତାରେ ଯାଉଥିବା ଲୋକଙ୍କ ଶୋଷ ମେଣ୍ଟାଇବା ପାଇଁ ମହିଳାମାନେ ଏହି ପ୍ରୟାସ କରିଛନ୍ତି। ସେମାନେ ଲୋକମାନଙ୍କୁ ଥଣ୍ଡା ପାଣି ସହ ସର୍ବତ ବଣ୍ଟନ କରୁଛନ୍ତି। ଏଥିରେ ସୁଶୀଳା ଦେବୀ କାବ୍ରା, ଅଞ୍ଜୁ ଦେବୀ ଜିନ୍ଦଲ, ସଙ୍ଗୀତା ଅଗ୍ରୱାଲ, ରଶ୍ମି ଗୁପ୍ତା, ବବିତା ଅଗ୍ରୱାଲ, ଅନିତା ପଟଣୀ, ନୀଳିମା ଅଗ୍ରୱାଲ ଓ ହଂସା ଦେବୀ ପ୍ରମୁଖ ଯୋଗଦେଇ ସହଯୋଗ କରୁଛନ୍ତି।

### ପାଗରେ ପରିବର୍ତ୍ତନ ଯୋଗୁ ସାମାନ୍ୟ ଆଶ୍ୱସ୍ତି

ଧର୍ମଶାଳା,୬।୫(ବଟକୃଷ୍ଣ ପରିଡ଼ା): ରାଜ୍ୟରେ ପ୍ରବଳ ଗ୍ରୀଷ୍ମ ଲହରି ଜାରିରହିଥିବାବେଳେ ସୋମବାର ହଠାତ ପାଗରେ ପରିବର୍ତ୍ତନ ହୋଇଛି। ଫଳରେ ଲାକେ ଲୋକେ ସାମାନ୍ୟ ଆସ୍ୱସ୍ତି ଅନୁଭବ କରିଛନ୍ତି। ଧର୍ମଶାଳା ଅଞ୍ଚଳରେ ମଧ୍ୟାହ୍ନ ୧୨ଟାରୁ ଆକାଶରେ ବାଦଲ ଆଚ୍ଛାଦିତ ହୋଇ ରହିବା ଫଳରେ ପାଗ କାଉଁଳିଆ ରହିଥିଲା। ଅପରାହ୍ନ ୩ଟା ବେଳକୁ ଘଡଘଡି ସହ ବିଭିନ୍ନ ସ୍ଥାନରେ ବର୍ଷା ହୋଇଥିଲା। ଆସନ୍ତା ୪ ଦିନ ଧରି ଏଭଳି ପାଗ ରହିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ମିଳିଛି।

### ଆଦର୍ଶ ଶିକ୍ଷକଙ୍କ ପରଲୋକ

ଛତିଆ,୬।୫(ସୌମ୍ୟ ରଞ୍ଜନ ସାହୁ): ବଡ଼ଚଣା ବ୍ଲକ ଛତିଆ ନିକଟ ନେ କ ଳି ଆ ଶାସନ ଗ୍ରାମର ଆଦର୍ଶ ଶିକ୍ଷକ ଦ୍ୱାରିକାନାଥ



ଦାଶଙ୍କ ପରଲୋକ ହୋଇଯାଇଛି। ତାଙ୍କୁ ୯୧ ବର୍ଷ ହୋଇଥିଲା। ସେ ଯାଜପୁର ଜିଲାର ବିଭିନ୍ନ ବିଦ୍ୟାଳୟରେ ଶିକ୍ଷକତା କରି ଜଣେ ଆଦର୍ଶ ଶିକ୍ଷକ ଭାବେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ତାଙ୍କ ମୃତ୍ୟୁରେ ଛତିଆ ଅଞ୍ଚଳର ବହୁ ବୁଦ୍ଧିଜୀବୀ, ରାଜନେତା, ଶିକ୍ଷାବିତ୍ ଓ ପୁରାତନ ଛାତ୍ରୀଛାତ୍ରଙ୍କ ମହଲରେ ଶୋକର ଛାୟା ଖେଳିଯାଇଛି। ମୃତ୍ୟୁଶଯ୍ୟା ନିକଟରେ ପରିବାର ଲୋକେ ଉପସ୍ଥିତ ଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ପୁଅ ଗୁରୁପ୍ରସାଦ ଦାସ ମୁଖାଗ୍ନି ଦେଇଥିଲେ।

# ଦାଦନ ଖଟୁଛନ୍ତି ନଗଡ଼ା ଶିଶୁ

ଯାଜପୁର/କାଳିଆପାଣି (ହର୍ଷବର୍ଦ୍ଧନ ବେହେରା/ଅସିତ ମହାନ୍ତ),୬।୫

ଯାଜପୁର ଜିଲା ସୁକିନ୍ଦା ବ୍ଲକ ଚିଙ୍ଗୁଡିପାଳ ପଞ୍ଚାୟତ ନଗଡ଼ା ଗ୍ରାମରେ ୨୦୧୬ରେ ଅପପୁଷ୍ଟିରୁ ଶିଶୁ ମୃତ୍ୟୁ ଘଟଣା ଅନ୍ତର୍ଜାତୀୟ ଖବର ପାଲଟିଥିଲା। ଏହାପରେ ରାଜ୍ୟ ସରକାରଙ୍କ ପକ୍ଷରୁ ଏକାଧିକ ଯୋଜନା ନଗଡ଼ାରେ କରାଯାଇଥିଲା। ପ୍ରାୟ ୨୩ କୋଟି ଟଙ୍କା ବିନିଯୋଗରେ ରାସ୍ତା, ପାଣି, ବିଜୁଳି ଆଦି କ୍ଷେତ୍ରରେ ବିକାଶ ଉଦ୍ୟମ ହୋଇଥିଲା। ହେଲେ ନଗଡ଼ାବାସୀଙ୍କ ଆର୍ଥିକସ୍ଥିତିରେ କୌଣସି ପରିବର୍ତ୍ତନ ଆସିନାହିଁ। ଫଳରେ ନଗଡ଼ାର ଶିଶୁମାନେ ଏବେ ଦାଦନ ଖଟିବାକୁ ଜିଲା ବାହାରକୁ ଯାଇଥିବା ଜଣାପଡିଛି। ଜଣେ ନାବାଳକ କୌଶଳକ୍ରମେ ସେଠାରୁ ଖସି ଆସିବାରେ ଏହା ଜଣାପଡ଼ିଛି। ପ୍ରତି ୫ ବର୍ଷରେ ସାଧାରଣ ନିର୍ବାଚନ ହେଉଥିଲେ ହେଁ ସୁକିନ୍ଦା ବ୍ଲକର ଆଦିବାସୀ ବହୁଳ ଅଞ୍ଚଳର ସ୍ଥିତି ବଦଳେ ନାହିଁ ବୋଲି ଏହି ଦାଦନ ଘଟଣାରୁ ସ୍ପଷ୍ଟ ହେଉଛି।

ସୁକିନ୍ଦା ଖଣି ସମୃଦ୍ଧ ହୋଇଥିବାବେଳେ ଏହାର ଅଧିବାସୀ ଅଭାବ ଅନଟନରେ କାଳାତିପାତ କରୁଛନ୍ତି। ଖଣିରେ ଯାନ୍ତ୍ରିକ ବ୍ୟବହାରକୁ ଅଧିକ ପ୍ରାଧାନ୍ୟ ଦିଆଯାଇଥିବାରୁ ଖଣି ପ୍ରଭାବିତ ଅଞ୍ଚଳବାସୀ ସେଠାରେ ରୋଜଗାର ପାଉନାହାନ୍ତି। ଏହାସହ ରାଜ୍ୟ ବାହାର ଠିକାସଂସ୍ଥା ଜରିଆରେ ଅଣଓଡ଼ିଆମାନଙ୍କୁ ଅଧିକ ନିଯୁକ୍ତି ମିଳୁଛି। ଏଥିଯୋଗୁ ସୁକିନ୍ଦାର ଗରିବ ପରିବାରର ମୁରବିମାନେ ରାଜ୍ୟ ବାହାରକୁ ଦାଦନ ଖଟିଯିବାକୁ ବାଧ ହେଉଛନ୍ତି। ସେମାନଙ୍କ ସହିତ ଶିଶୁମାନେ ମଧ ବାଧ ହେଉଛନ୍ତି। ଫଳରେ ସେମାନଙ୍କ ଭବିଷ୍ୟତ ଧୂଳିସାତ ହୋଇଯାଉଛି। ମିଳିଥିବା ସୂଚନା ଅନୁସାରେ ନଗଡ଼ାରେ ଗତ ୯ ବର୍ଷ ମଧ୍ୟରେ ପ୍ରାୟ ୧୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବିକାଶ ନାମରେ ଖର୍ଚ୍ଚ କରାଯାଇଛି। ହେଲେ ବାସ୍ତବ ପକ୍ଷେ ଏଠାକାର ଜୁଆଙ୍ଗ ଆଦିବାସୀଙ୍କ ଜୀବନଶୈଳୀରେ କୌଣସି ପରିବର୍ତ୍ତନ ହୋଇପାରିନାହିଁ। ରହିବା ପାଇଁ ପକ୍କାଘର, ବିଜୁଳି, ଆଲୋକ ଏବଂ ପିଇବା ପାଣିର ବ୍ୟବସ୍ଥା ସୁନିଶ୍ଚିତ ହୋଇଛି ସତ, ହେଲେ ନିଜର ପରମ୍ପରାଗତ ବୃତ୍ତିକୁ ସେମାନେ ହରାଇ ବସିଛନ୍ତି। ଜଙ୍ଗଲଜାତ ଦ୍ରବ୍ୟକୁ ସାହାରା କରି ବଞ୍ଚିଆସୁଥିବା ଜୁଆଙ୍ଗ ଲୋକଙ୍କୁ ଆଜି ରୋଜଗାର ପାଇଁ ବାରଦୁଆର ହେବାକୁ ପଡୁଛି। ସରକାରଙ୍କ ପକ୍ଷରୁ ଚାଉଳ ଗଣ୍ଡାକ ମିଳୁଛି ସତ, ହେଲେ ଭାତ ସହିତ କେବଳ ଲୁଣ ବ୍ୟତୀତ ଅନ୍ୟ କିଛି ସେମାନଙ୍କୁ ମିଳୁନି। ମୁଗ, ବିରି, କୋଳଥ, ମାଣ୍ଡିଆ ଇତ୍ୟାଦି ପ୍ରଧାନ ଖାଦ୍ୟକୁ ସେମାନେ ଭୁଲି ଭୁଲିଗଲେଣି। ଦିନଥିଲା ଏ ସବୁ ଚାଷ କରି ଏହି ଉତ୍ପାଦଗୁଡ଼ିକୁ ବଦଳକରି ବା ବିକ୍ରିକରି ସେମାନେ ବର୍ଷକ ପାଇଁ ତେଲ ଲୁଣ ସଂଗ୍ରହ କରୁଥିଲେ। ଏବେ ନିଜର ଦୈନନ୍ଦିନ ତେଲ ଲୁଣ ଏବଂ ପୋଷାକ ନିମନ୍ତେ ସେମାନେ ନିଜ ଅଞ୍ଚଳ ଛାଡି ଅନ୍ୟତ୍ର ରୋଜଗାର ସନ୍ଧାନରେ ଯିବାକୁ ବାଧ ହୋଇଛନ୍ତି। ଖବର ଅନୁଯାୟୀ ନଗଡ଼ାର ତିନୋଟି ସାହି ତଳ ନଗଡ଼ା, ମଝି ନଗଡ଼ା ଆଉ ଉପର ନଗଡ଼ାରୁ ପ୍ରାୟ ୨୮ ଜଣ ଶିଶୁ ଶ୍ରମିକ ଜିଲା ବାହାରକୁ ଯାଇ ବାଲେଶ୍ୱର ଓ ଭୁବନେଶ୍ୱର ଅଞ୍ଚଳର ଏକ ମାଛ ଫ୍ୟାକ୍ଟ୍ରିରେ ନିୟୋଜିତ ଅଛନ୍ତି। ଏ ଅଞ୍ଚଳରେ ସକ୍ରିୟ ଥିବା ଦଲାଲଙ୍କ ପ୍ରଲୋଭନରେ ପଡି ସେଠାରେ ଦିନକୁ ୧୨ ଘଣ୍ଟା ଖଟିବାକୁ ବାଧ ହେଉଛନ୍ତି। ଜଣେ ଶିଶୁଙ୍କ ଅଭିଭାବକ ବାଟ ପ୍ରଧାନ କୁହନ୍ତି, ନଗଡ଼ାର ତିନୋଟି ସାହିର ପ୍ରାୟ ୨୮ ଜଣ ଯୁବତୀଯୁବକ ଉକ୍ତ ଜାଗାରେ କାମ କରୁଛନ୍ତି । ଏମାନଙ୍କ ମଧ୍ୟରୁ ଅଧିକାଂଶ ନାବାଳିକା ନାବାଳକ ଅଛନ୍ତି । ଜଣେ ନାବାଳକଙ୍କ କହିବା ମୁତାବକ, ତାଙ୍କୁ ଏବଂ ତାଙ୍କ ସାଙ୍ଗମାନଙ୍କୁ ଦଲାଲ ଜଣକ ମାସକୁ ୭ ହଜାର ଟଙ୍କା ଦରମା ଦେବାକୁ କହି କାମ କରିବାକୁ ନେଇଛନ୍ତି। ଦୁଇମାସ ଦୈନିକ ୧୨ ଘଣ୍ଟା ଖଟେଇବା ପରେ ତାଙ୍କୁ କେବଳ ଦିନକୁ ୩ ଥର ଖାଇବାକୁ ଦେଉଥିଲେ ଏବଂ ଦରମା ମାଗିବାରୁ ୨ ମାସର ମାତ୍ର ୩ ହଜାର ଟଙ୍କା ଦେଇଥିଲେ। ତେଣୁ ସେ ଏବଂ ତାଙ୍କ ଅନ୍ୟ ଜଣେ ସାଙ୍ଗ କାମ ଛାଡ଼ି ସେଠାରୁ ପଳେଇ ଆସିଛନ୍ତି। ତେବେ ସେ ଆଶଙ୍କା ପ୍ରକାଶ କରିଛନ୍ତି ଯେ, ଅନ୍ୟ ପିଲାମାନଙ୍କୁ ମଧ ଠିକ ସେଇ ପରିଣାମ ଭୋଗିବାକୁ ପଡୁଥିବ । ଏ ସଂକ୍ରାନ୍ତରେ ସୁକିନ୍ଦା ବିଡିଓ ଅଭିଷେକ ସ୍ୱାଇଁଙ୍କ ମତାମତ ନେବାକୁ ତାଙ୍କ ମୋବାଇଲକୁ ଯୋଗାଯୋଗ କରାଯାଇଥିଲେ ହେଁ ସେ ଫୋନ୍ କଲ୍ ଗ୍ରହଣ କରି ନ ଥିଲେ।

## ଟ୍ରକ୍ ଚାଳକଙ୍କୁ ସଚେତନ କଲେ ଛାତ୍ରୀଛାତ୍ର




ଛାତ୍ରୀଛାତ୍ର ପ୍ଲା କାର୍ଡ ଧରି ଗାଡ଼ି ଚାଳକଙ୍କୁ ସଚେତନ କରୁଛନ୍ତି ।

କାଳିଆପାଣି,୬।୫(ଅସିତ ମହାନ୍ତ):

ଯାଜପୁର ଜିଲା କାଳିଆପାଣି ଖଣି ଅଞ୍ଚଳରେ ପ୍ରତିଦିନ ଟ୍ରକ ଦୁର୍ଘଟଣାରେ ବହୁ ଜୀବନ ହାନୀ ହେଉଛି। ଫଳରେ ଏହାକୁ ନେଇ ଛୋଟ ପିଲା ଓ ଛାତ୍ରୀଛାତ୍ରଙ୍କ ମନରେ ଉଦ୍‌ବେଗ ପ୍ରକାଶ ପାଇଛି। ତେଣୁ ଦୁର୍ଘଟଣା ହ୍ରାସ ପାଇଁ କାଳିଆପାଣି ହନୁମାନ ବଜାର ଓ ଆଖ ପାଖ ଅଞ୍ଚଳର ଛାତ୍ରୀଛାତ୍ରମାନେ ଟମକା ମଙ୍ଗଳପୁର ମୁଖ୍ୟରାସ୍ତାରେ ବେପରୁଆ ଟ୍ରକ୍ ଚାଳକମାନଙ୍କୁ ସଚେତନ କରିଛନ୍ତି। ସେମାନେ ପ୍ଲା' କାର୍ଡ ଧରି ଟ୍ରକ ଡ୍ରାଇଭରଙ୍କୁ ଦ୍ରୁତ ଗତି ଓ ବେପରୁଆ ଭାବରେ ଗାଡ଼ି ନ ଚଳାଇବାକୁ ଅନୁରୋଧ କରିଛନ୍ତି। ଟମକା-ମଙ୍ଗଳପୁର ୪୫ କି.ମି. ରାସ୍ତା ଅବସ୍ଥା ଅତି ଶୋଚନୀୟ ଓ ଅଣ ଓସାରିଆ। ହେଲେ ଏହି ରାସ୍ତାରେ କାଳିଆପାଣି ଖଣି ଅଞ୍ଚଳକୁ ଦୈନିକ ହଜାରହଜାର ଟ୍ରକ କ୍ରୋମାଇଟ ଲୋଡ୍ ନିମନ୍ତେ ଯାତାୟାତ କରୁଛି। ଏହା ଅଣ ଓସାରିଆ ରାସ୍ତା ହୋଇଥିବାରୁ ଅନେକ ସମୟରେ ଗାଡ଼ି ଅତିକ୍ରମକୁ ନେଇ ଲୋଡ୍ ଟ୍ରକ ଓ ଖାଲି ଟ୍ରକ ଚାଳକଙ୍କ ମଧ୍ୟରେ ରାସ୍ତା ଉପରେ ଯୁକ୍ତି ତର୍କ ହେଉଛି। ଯେଉଁ ଡ୍ରାଇଭରମାନେ ବେପରୁଆ ମନୋଭାବ ନେଇ ଦ୍ରୁତ ଗତିରେ ଟ୍ରକ ଚଳାଉଛନ୍ତି ସେମାନେ କେଉଁଠି ନା କେଉଁଠି ଦୁର୍ଘଟଣା ଘଟାଇ ଧନଜୀବନ ନଷ୍ଟ କରୁଥିବା ଦେଖିବାକୁ ମିଳୁଛି। ଛାତ୍ରୀଛାତ୍ର ସ୍କୁଲ, କଲେଜକୁ ଯାତାୟାତବେଳେ ଏସବୁ ଦୁର୍ଘଟଣା ଦେଖି ଭୟଭୀତ ହେଉଥିବାରୁ ଟ୍ରକ ଚାଳକମାନଙ୍କୁ ସଚେତନ କରିଛନ୍ତି।

## ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି କର୍ମଚାରୀ ଗୁରୁତର

କଳିଙ୍ଗନଗର,୬।୫(ଶୁଭାଶିଷ ରାଉତ):

କଳିଙ୍ଗନଗର ଶିଳ୍ପାଞ୍ଚଳର ମିଶ୍ରିଲାଲ ଫେରୋ ଆଲଏଜ କାରଖାନାରେ ସୋମବାର ଉଚ୍ଚ କ୍ଷମତା ସମ୍ପନ୍ନ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଣେ କର୍ମଚାରୀ ଗୁରୁତର ହୋଇଛନ୍ତି। ସେ ହେଲେ ରାକେଶ ରାୟ(୩୧)। ତାଙ୍କ ଘର କାରଖାନା ସଂଲଗ୍ନ ପଙ୍କପାଳ ଗ୍ରାମରେ ବୋଲି ଜଣାପଡ଼ିଛି। ରାକେଶ କାରଖାନାରେ ଇଲେକ୍ଟ୍ରି ଟେକ୍ନିସିଆନ ଭାବେ କାର୍ଯ୍ୟ କରୁଥିଲେ। ମଧ୍ୟାହ୍ନରେ ଏକ ମରାମତି କାର୍ଯ୍ୟ କରୁଥିବାବେଳେ ୩୩ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଯିବାରୁ ତାଙ୍କ ଡାହାଣ ହାତ ପୋଡି ଯାଇଥିଲା। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଟାଟା ମେଡିକା ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପରେ ତାଙ୍କୁ କଟକର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଦୁର୍ଘଟଣା ସମ୍ପର୍କରେ ପ୍ରତିକ୍ରିୟା ପାଇଁ କାରଖାନାର ମାନବ ସମ୍ବଳ ଅଧିକାରୀଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ ସେ ଫୋନ ଉଠାଇ ନ ଥିଲେ। ଦୁର୍ଘଟଣା ସମ୍ପର୍କରେ କାରଖାନା ଓ ବାଷ୍ପିତ୍ତ ବିଭାଗ ଅଧିକାରୀ ଯୁସି ସୁତାରଙ୍କୁ ପଚାରିବାରୁ ତାଙ୍କ ପାଖରେ ସେମିତି କିଛି ଖବର ନାହିଁ ବୋଲି ସେ କହିଛନ୍ତି।

## ଭାଜପାର ପ୍ରସ୍ତୁତି ବୈଠକ



ବୈଠକରେ ଯୋଗଦେଇଥିବା ଭାଜପା ନେତା ଓ କର୍ମୀ ।

ପାଣିକୋଇଲି,୬।୫(ବିକାଶ ମଲ୍ଲିକ): ପାଣିକୋଇଲି ପଞ୍ଚାୟତରେ ୧୨ଟି ୱାର୍ଡର ଭୋଟରଙ୍କୁ ନେଇ ଭାଜପାର ଏକ ପ୍ରସ୍ତୁତି ବୈଠକ ଓ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପଞ୍ଚାୟତ ସଭାପତି ବିନୋଦ କୁମାର ଜେନା ଅଧ୍ୟକ୍ଷତା କରିଥିବାବେଳେ ସ୍ଥାନୀୟ ଅଞ୍ଚଳର ପୁରୁଖା ନେତା ପଦ୍ମଲୋଚନ ମଲ୍ଲିକ ଓ ଖରସ୍ରୋତା ମଣ୍ଡଳ ସଭାପତି ପ୍ରମୋଦ କୁମାର ସାହୁ ଉପସ୍ଥିତ ଥିଲେ। ଏଥିରେ କୋରେଇ ଭାଜପା ବିଧାୟକ ପ୍ରାର୍ଥୀ ଆକାଶ ଦାସ ନାୟକଙ୍କୁ ବହୁ ଭୋଟରେ ଜିତାଇବା ଲାଗି ରଣନୀତି ପ୍ରସ୍ତୁତ କରାଯାଇଥିଲା। ବୈଠକରେ ପାଣିକୋଇଲି ପଞ୍ଚାୟତର ପୂର୍ବତନ ସମିତିସଭ୍ୟ ଜହର ଅଲ୍ଲୀ ଖାଁ, ଅକ୍ଷୟ କୁମାର ସାହୁ, ବିକାଶ ଜେନା, ଲାଲବିହାରୀ ପରିଡ଼ା, ଧୋଇ ମଲିକ, ଅଜୟ ମଲିକ, ଗୌରାଙ୍ଗ ଓଝା, କାର୍ତ୍ତିକ ଚନ୍ଦ୍ର ବେହେରା, ଅକ୍ଷୟ ଜେନା, ପ୍ରଦୀପ ମଲିକ, ଗଣେଶ ମଲିକ ଓ ରଘୁ ମଲିକଙ୍କ ସମେତ ପଞ୍ଚାୟତର ବହୁ ବ୍ୟକ୍ତି ଯୋଗ ଦେଇଥିଲେ। ରାଜକିଶୋର ମଲ୍ଲିକ ଧନ୍ୟବାଦ ଦେଇଥିଲେ।

## ମାଲିକଙ୍କୁ ଓଟ ହସ୍ତାନ୍ତର

ପାଣିକୋଇଲି,୬।୫(ବିକାଶ ମଲ୍ଲିକ): ଛାଡ଼ିଯାଇଥିବା ଓଟକୁ ମାଲିକ ୧୫ ଦିନ ପରେ ପହଞ୍ଚି ନେଇଛନ୍ତି। ଗତ ମାସ ୨୦ ତାରିଖି ରାତିରେ ଏକ ରୋଗାଗ୍ରସ୍ତ ବୃଦ୍ଧ ଓଟ ପାଣିକୋଇଲି ଥାନା ଅଧୀନ ୧୬ ନମ୍ବର ଜାତୀୟ ରାଜପଥ କଡ଼ ଗୋଳେଇପୁର ପଞ୍ଚାୟତ ଅନ୍ତର୍ଗତ ସୋତି ଗ୍ରାମ ନିକଟରେ ବୁଲୁଥିଲା। ଏହି ଖବର ପାଇବା ପରେ ପାଣିକୋଇଲିର ସ୍ୱେଚ୍ଛାସେବୀ ସଙ୍ଗଠନ ଆମେ ଆପଣଙ୍କ ପାଇଁ ହେଲପିଙ୍ଗ ଗ୍ରୁପ ସଭାପତି ଅଶୋକ ଦାସ, କୋଷାଧ୍ୟକ୍ଷ ହରେକୃଷ୍ଣ ସାହୁ, ସଦସ୍ୟ ବିଶ୍ୱରଞ୍ଜନ ମହାପାତ୍ର ଓ ଅଜିତ ସାହୁ ପ୍ରମୁଖ ପହଞ୍ଚି ଓଟଟିକୁ ନିଜ ହେପାଜତକୁ ନେବା ସହିତ ଖାଦ୍ୟପେୟ ଦେଇ ଚିକିତ୍ସା କରାଇଥିଲେ। ଓଟର ମାଲିକଙ୍କୁ ବହୁ ଖୋଜାଖୋଜି କରିବା ପରେ ତାଙ୍କ ସହିତ ଯୋଗାଯୋଗ କରାଯାଇଥିଲା। ଓଟ ମାଲିକ ସୁଦୂର ବନାରସର କାଲୁ ସାନ ଶନିବାର ପହଞ୍ଚି ଓଟକୁ ନିଜ ସହିତ ନେଇଛନ୍ତି। ତେବେ ପାରିବାରିକ ସ୍ୱାସ୍ଥ୍ୟଗତ କାରଣରୁ ସେ ଓଟଟିକୁ ଛାଡ଼ି ଚାଲିଯାଇଥିବା କହି ନିଜ ଭୁଲକୁ ସ୍ୱୀକାର କରିଛନ୍ତି। ଏଥିସହିତ ଓଟଟିକୁ ରଖି ସେବାଶୁଶ୍ରୁଷା କରିଥିବାରୁ ସେ ହେଲପିଂ ଗ୍ରୁପର ସଦସ୍ୟମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ବାରମ୍ବାର ପାୱାର କଟ୍ ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ

ବ୍ରହ୍ମବରଦା,୬।୫ (ଯଯାତି କେଶରୀ ବେହେରା):

ବ୍ରହ୍ମବରଦା ଅଞ୍ଚଳରେ ପ୍ରଚଣ୍ଡ ରୌଦ୍ରତାପ ଯୋଗୁ ଅସହ୍ୟ ଗରମ ଓ ଗୁଳୁଗୁଳି ଅନୁଭୂତ ହେଉଛି। ଠିକ୍ ଏହି ସମୟରେ ବ୍ରହ୍ମବରଦା ବିଦ୍ୟୁତ୍ ବିଭାଗ ପକ୍ଷରୁ ବାରମ୍ବାର ଅଘୋଷିତ ବିଦ୍ୟୁତ୍ କାଟ କରାଯାଉଛି। ଫଳରେ ବିଦ୍ୟୁତ ଉପଭୋକ୍ତା ନାହିଁ ନ ଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଗ୍ରୀଷ୍ମ ପ୍ରବାହ ଜାରି ରହିଥିବାବେଳେ ଅଘୋଷିତ ପାୱାର କଟ ଜନଜୀବନକୁ ଅସ୍ତବ୍ୟସ୍ତ କରିପକାଉଛି। ଗୋଟିଏ ପଟେ ଅସହ୍ୟ ଗୁଳୁଗୁଳି ଅନ୍ୟପଟେ ଘଣ୍ଟାଘଣ୍ଟା ଧରି ଅଘୋଷିତ ପାୱାର କଟ ଯୋଗୁ ବୃଦ୍ଧାବୃଦ୍ଧ, ରୋଗୀ ଓ କୋମଳମତି ଶିଶୁ ଅସହ୍ୟ ଗରମରେ କଲ ବଲ ହୋଉଛନ୍ତି। ବ୍ରହ୍ମବରଦା କଲେଜ ନିକଟରେ ନୂତନ ଭାବେ ନିର୍ମିତ ବିଦ୍ୟୁତ ସବ୍‌ଷ୍ଟେଶନ ୧୦ମାସର ଉଦ୍‌ଘାଟନ ପରେ ଗତ ୪ ତାରିଖରେ କାର୍ଯ୍ୟକ୍ଷମ କରାଯାଇଛି। ମାତ୍ର ଯଥା ପୂର୍ବମ୍ ତଥା ପରମ୍ ଭଳି ସ୍ଥିତି ସୃଷ୍ଟି ହୋଇଛି। ଅପରପକ୍ଷରେ ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଥିଲା ଯେ ରାଜ୍ୟରେ ଗ୍ରୀଷ୍ମ ସମୟରେ ପାୱାରକଟ କରାଯିବ ନାହିଁ। କିନ୍ତୁ ବ୍ରହ୍ମବରଦା ଓ ଏହାର ଆଖପାଖ ଅଞ୍ଚଳରେ କିପରି ବାରମ୍ବାର ପାୱରାକଟ କରାଯାଉଛି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ସମ୍ପର୍କରେ ବ୍ରହ୍ମବରଦା ବିଦ୍ୟୁତ୍ ଗ୍ରାହକ ସେବା କେନ୍ଦ୍ର ସହିତ ଯୋଗାଯୋଗ କରିବାରୁ ସବ୍‌ଷ୍ଟେସନ କାର୍ଯ୍ୟକ୍ଷମ କରାଯାଇଥିବାରୁ ପାୱାର ସଟଡାଇନ ନେବାକୁ ପଡୁଛି ବୋଲି କୁହାଯାଇଛି।

## କାର୍ ଦୁର୍ଘଟଣା, ୫ ଆହତ

ପାଣିକୋଇଲି,୬।୫(ବିକାଶ ମଲ୍ଲିକ):



ଦୁର୍ଘଟଣାଗ୍ରସ୍ତ କାର୍ ।

ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ପୁରୁଣା ଟୋଲ ଗେଟ ନିକଟରେ ରବିବାର ରାତି ପ୍ରାୟ ୩ଟାରେ ଏକ ଟ୍ରକ ପଛରେ କାର ଧକ୍କା ହୋଇଛି। ଫଳରେ କାରରେ ଥିବା ବ୍ୟକ୍ତିଙ୍କ ମଧ୍ୟରୁ ଦୁଇ ଜଣ ଗୁରୁତର ହୋଇଥିବାବେଳେ ତିନି ଜଣ ଆହତ ହୋଇଛନ୍ତି।

ସୂଚନା ମୁତାବକ, ବାଲେଶ୍ୱର ଜିଲା ଭୋଗରାଇରୁ ଚନ୍ଦନ ସିଂ ତାଙ୍କ ସମ୍ପର୍କୀୟ ନିଶିକାନ୍ତ ସିଂଙ୍କୁ ପକ୍ଷାଘାତ ରୋଗର ଚିକିତ୍ସା ନିମନ୍ତେ ଭୁବନେଶ୍ୱରକୁ କାର (ଓଡି୦୧ଏଆର୯୭୫୨)ରେ ନେଇ ଯାଉଥିଲେ। ଉକ୍ତ କାରରେ ନିଶିକାନ୍ତଙ୍କ ସ୍ତ୍ରୀ ଜ୍ୟୋତ୍ସା ଓ ଅନ୍ୟ ଜଣେ ମହିଳା ରଞ୍ଜୁ ଦାସଙ୍କ ସମେତ ଚାଳକ ଭୁଭକ୍ତା ଦାସ ଥିଲେ। ତେବେ ଚାଳକଙ୍କ ଆଖି ଲାଗି ଯିବାରୁ ସେ ସମ୍ମୁଖରେ ଠିଆ ହୋଇଥିବା ଏକ ଟ୍ରକକୁ ଦେଖି ନ ପାରି ତା ପଛରେ ଗାଡ଼ି ପିଟି ଦେଇଥିଲେ। ଫଳରେ ଚନ୍ଦନ ଓ ନିଶିକାନ୍ତ ଗୁରୁତର ହୋଇଥିବାବେଳେ ଅନ୍ୟମାନେ ଆହତ ହୋଇଥିଲେ। ଖବର ପାଇ ପାଣିକୋଇଲିର ବିକାଶ ମଲ୍ଲିକ ଓ ରାଜପଥ ପାଟ୍ରୋଲିଂ ପୋଲିସ ଅଧିକାରୀ ଅଶୋକ ବଳ ପହଞ୍ଚି ଗୁରୁତର ଥିବା ବ୍ୟକ୍ତିଙ୍କୁ ୧୦୮ ଆମ୍ବୁଲାନ୍ସ ଓ ପାଟ୍ରୋଲିଂ ଗାଡ଼ିରେ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ସେଠାରେ ଅବସ୍ଥା ସଂକଟାପନ୍ନ ହେବାରୁ ଜଣଙ୍କୁ ଭୁବନେଶ୍ୱର ଏମ୍ସ ପଠାଯାଇଥିଲା। ଦୁର୍ଘଟଣା ପରେ ଟ୍ରକ୍ ଘଟଣାସ୍ଥଳରୁ ଫେରାର ହୋଇଯାଇଛି। ପୋଲିସ କାରଟିକୁ ଜବତ କରି ତଦନ୍ତ ଆରମ୍ଭ କରିଛି।

## ହିମାଂଶୁଙ୍କ ଗାଁକୁ ଚାଲ ଅଭିଯାନ



ଗାଁକୁ ଚାଲ ଅଭିଯାନରେ ସାମିଲ ହୋଇଥିବା ଭାଜପା ନେତା ହିମାଂଶୁ ଶେଖର ସାହୁ ଓ ତାଙ୍କ ସମର୍ଥକମାନେ ।

କାଏମା,୬।୫(ଶିବପ୍ରସାଦ ମହାନ୍ତି)

ଧର୍ମଶାଳା ନିର୍ବାଚନମଣ୍ଡଳୀ ଅଧୀନ ୧୨ ନମ୍ବର ଜୋନରେ ଭାଜପା ଯୁବନେତା ହିମାଂଶୁ ଶେଖର ସାହୁଙ୍କ ନେତୃତ୍ୱରେ ସୋମବାର ଗାଁକୁ ଚାଲ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଏହି ଜୋନ ଅନ୍ତର୍ଗତ ବୃନ୍ଦାଦେଇପୁର ପଞ୍ଚାୟତର ଦହିପୁର ଗ୍ରାମ, ମଧୁପୁରଗଡ଼ ପଞ୍ଚାୟତ, ସମ୍ପାରୁ ପଞ୍ଚାୟତର ତୁରଙ୍ଗ ଗ୍ରାମ ଓ ମହିସରା ପଞ୍ଚାୟତର ରମ୍ଭେଇ ଗ୍ରାମର ଜନସାଧାରଣଙ୍କ ଘରଘର ବୁଲି ହିଂମାଶୁ ମୁଠି ଚାଉଳ ଗ୍ରହଣ କରିଛନ୍ତି। ଧର୍ମଶାଳାରେ ଚାଲୁଥିବା ବଂଶବାଦ ରାଜନୀତି ଓ ଦୁର୍ନୀତି ଭ୍ରଷ୍ଟାଚାର ବିରୋଧରେ ନାରା ଦେବା ସହ ପାହାଡ ଦୁର୍ନୀତି ବିରୋଧରେ ଜନ ଆନ୍ଦୋଳନ ଜାରି ରହିବ ବୋଲି ସେ ଆହ୍ୱାନ ଦେଇଛନ୍ତି। ଏଥିରେ ରଞ୍ଜିତ ଡୋରା, ଶିବୁଲି ଧୀର, କପିଳେନ୍ଦ୍ର ବେହେରା, ଚନ୍ଦନ ବେହେରା, ଜଗନ୍ନାଥ ମଲ୍ଲିକ, ପିଣ୍ଟୁ ଦଳାଇ, ନିତିଆ ଦଳାଇ, ବାବୁଲି ଜେନା, ପ୍ରକାଶ ବରାଳ, ବସନ୍ତ ବରାଳ, ସୂର୍ଯ୍ୟକାନ୍ତ ବରାଳ, ଶୁକଦେବ ତରାଇ, ସୁଜାତା ମହାନ୍ତି, ସୁଷମା ଜେନା, ଲିପି ପଣ୍ଡା, ଚନ୍ଦନା ଡୋରା, ସୁନି ଦାସ, ରଶ୍ମିତା ମଲ୍ଲିକ ଓ ଜ୍ୟୋତି ଧୀରଙ୍କ ସମେତ ଶତାଧିକ କାର୍ଯ୍ୟକର୍ତ୍ତା ସାମିଲ ହୋଇଥିଲେ।

## ଡିଭାଇଡରରେ ପିଟିହୋଇ ପୋଲିସ କର୍ମଚାରୀ ଗୁରୁତର

ପାଣିକୋଇଲି,୬।୫(ବିକାଶ ମଲ୍ଲିକ):

ପାଣିକୋଇଲି ଥାନା ଅନ୍ତର୍ଗତ ୧୬ନମ୍ବର ଜାତୀୟ ରାଜପଥର ମଣିପୁର ନିକଟରେ ଡିଭାଇଡରରେ ପିଟିହୋଇ ଜଣେ ପୋଲିସ କର୍ମଚାରୀ ଗୁରୁତର ହୋଇଛନ୍ତି। ସେ ହେଲେ ପାଣିକୋଇଲିସ୍ଥିତ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟର କର୍ମଚାରୀ କନ୍ଦର୍ପ ନାୟକ। ସେ ସ୍କୁଟିରେ ପୁରୁଣା ଟୋଲଗେଟ ଆଡୁ ପାଣିକୋଇଲି ଆଡ଼କୁ ଆସୁଥିବାବେଳେ ପ୍ରବଳ ଖରାଯୋଗୁ ସଂଜ୍ଞାହୀନ ହୋଇ ଡିଭାଇଡରରେ ପିଟି ହୋଇ ଯାଇଥିଲେ। ଏହି ସମୟରେ ଉକ୍ତ ରାସ୍ତା ଦେଇ ଆସୁଥିବା ପାଣିକୋଇଲିର ସ୍ୱେଚ୍ଛାସେବୀ ସଙ୍ଗଠନ ଆମେ ଆପଣଙ୍କ ପାଇଁ ହେଲପିଙ୍ଗ ଗ୍ରୁପର ସଭାପତି ଅଶୋକ ଦାସ ତାଙ୍କୁ ନିଜ ବାଇକରେ ବସାଇ ସ୍ଥାନୀୟ ଏକ ନର୍ସିଂ ହୋମକୁ ନେଇଥିଲେ। ପରେ ତାଙ୍କ ପରିବାର ଲୋକେ ପହଞ୍ଚିଥିଲେ।

## ନିଖିଳ ଓଡ଼ିଶା ପାଚିକା ମହାସଂଘ ସମାବେଶ

ରସୁଲପୁର,୬।୫(ରଞ୍ଜିତ ରାଉତ):




ସମାବେଶରେ ଯୋଗଦେଇଥିବା ପାଚିକା ମହାସଂଘର କର୍ମକର୍ତ୍ତା ।

ରସୁଲପୁର ବ୍ଲକ ଅଧୀନ ବାରବାଟୀଠାରେ ନିଖିଳ ଓଡ଼ିଶା ପାଚିକା ମହାସଂଘ ପକ୍ଷରୁ ଏକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ବିଜୁ ଶ୍ରମିକ ସାମ୍ମୁଖ୍ୟ ଦ୍ୱାରା ଅନୁବନ୍ଧିତ ନିଖିଳ ଓଡ଼ିଶା ମଧ୍ୟାହ୍ନ ଭୋଜନ ପାଚିକାପାଚକଙ୍କ ରାଜ୍ୟ ସରକାର ପାରିଶ୍ରମିକ ବୃଦ୍ଧି କରିଥିବାରୁ ବୈଠକରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ମହାସଂଘ ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଛି। ସଂଘ ଜିଲା ସଭାନେତ୍ରୀ ସୁମିତ୍ରା ରଥଙ୍କ ଅଧକ୍ଷତାରେ ଅନୁଷ୍ଠିତ ସମାବେଶରେ ମୁଖ୍ୟ ଅତିଥି ଭାବରେ ରାଜ୍ୟ ବିଜୁ ଶ୍ରମିକ ସାମ୍ମୁଖ୍ୟ ସମ୍ପାଦକ ତଥା ପାଚିକାପାଚକ ରାଜ୍ୟ ମହାସଂଘ ମୁଖ୍ୟ ସଂଯୋଜକ ପ୍ରଦୀପ କୁମାର ନାୟକ ଯୋଗଦେଇ ପାଚିକାପାଚକଙ୍କ ନାନା ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ। ମହାସଂଘ ପକ୍ଷରୁ ଦିଆଯାଇଥିବା ଦାବିପତ୍ର ସମ୍ପର୍କରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ରାଜ୍ୟ ସରକାରଙ୍କ ଅଧୀନରେ ମହାସଂଘର ଦାବିଗୁଡ଼ିକ ବିଚାରାଧୀନ ରହିଛି। ପର୍ଯ୍ୟାୟକ୍ରମେ ସମସ୍ୟାଗୁଡ଼ିକୁ ଦୂର କରାଯିବ ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଭାବେ ବିଜୁ ଶ୍ରମିକ ସାମ୍ମୁଖ୍ୟ ବଡ଼ଚଣା ବ୍ଲକ ସଂଯୋଜକ ଜଗନ୍ନାଥ ମୁଦୁଲି, ବରୀ ବ୍ଲକ ସଂଯୋଜକ ବିଜୟ କୁମାର ରଥ, ରସୁଲପୁର ବ୍ଲକ ସଂଯୋଜକ ଧୀରେନ୍ଦ୍ର ସାହୁ, ବ୍ଲକ ସଭାନେତ୍ରୀ ବାସନ୍ତି ଦତ୍ତ ଓ ସମ୍ପାଦିକା ରୀନାରାଣୀ ପରିଡ଼ା ପ୍ରମୁଖ ଯୋଗଦେଇ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ମଧୁସ୍ମିତା ଦାଶ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଅମୂଲ୍ୟ କୁମାର ସାହୁ ସଭା ପରିଚାଳନା କରିଥିଲେ। ଅନୁସୟା ପ୍ରଧାନ ଧନ୍ୟବାଦ ଦେଇଥିଲେ।

# ସରକାରୀ ଅନୁଦାନ ସତ୍ତ୍ୱେ ସୁଦୃଢ଼ ହେଉନି ନଦୀବନ୍ଧ

କେନ୍ଦ୍ରାପଡ଼ା, ୬।୫ (ଜଗନ୍ନାଥ ଧଳ)


ନଦୀ ପଠା କ୍ଷୟ ହେବାରେ ଲାଗିଛି।

- ପ୍ରତିବର୍ଷ ୫୫ ପଞ୍ଚାୟତରେ ପଶୁଛି ବନ୍ୟାଜଳ
- ଫସଲ ସହ ନଷ୍ଟ ହେଉଛି ପ୍ରାକୃତିକ ସମ୍ପଦ
- ଅଧିକ ପ୍ରଭାବିତ ହେଉଛି ରାଜକନିକା, ଆଳି ଅଞ୍ଚଳ

ସାଧାରଣ ଲୋକଙ୍କ ସୁରକ୍ଷା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଯୋଜନା ପ୍ରଣୟନ ସହ ଅନୁଦାନ ଯୋଗାଉଛନ୍ତି। ମାତ୍ର ଏହି ଅନୁଦାନ କେନ୍ଦ୍ରାପଡ଼ା ଜିଲାରେ ପ୍ରଭାବ ପକାଉନାହିଁ। ପ୍ରତିବର୍ଷ ଜିଲାର ୫୫ ପଞ୍ଚାୟତରେ ବନ୍ୟା ଜଳ ପଶୁଛି। ରାଜକନିକା, ଆଳି ଓ ଗରଦପୁର ବ୍ଲକ ଅଞ୍ଚଳର ସର୍ବାଧିକ କ୍ଷତି ହେଉଥିବା ବେଳେ ଫସଲ, ରାସ୍ତା, ପ୍ରାକୃତିକ ସମ୍ପଦ ନଷ୍ଟ ହେଉଛି। ନଦୀବନ୍ଧ ସୁଦୃଢ଼ ନ ଥିବାରୁ ଆଳିର ୧୬ ପଞ୍ଚାୟତ, ପଟ୍ଟାମୁଣ୍ଡାଇର ୧୪, ରାଜନଗରର ୪, ମାର୍ଶାଘାଇର ୯, ଡେରାବିଶର ୨, ମହାକାଳପଡ଼ାର ୯ ଓ ଗରଦପୁର ବ୍ଲକ ଅଞ୍ଚଳରେ ବନ୍ୟାଜଳ ମାଡ଼ିଯାଉଛି। ଏପରି ଅଭିଯୋଗ ଚଳିତ ସାଧାରଣ ନିର୍ବାଚନ ସମୟରେ ସାମାଜିକ ଗଣମାଧ୍ୟମରେ ପ୍ରଶ୍ନ ଘୂରି ବୁଲିଛି। ରାଜନେତା ଓ ପ୍ରଶାସକଙ୍କ କାର୍ଯ୍ୟଦକ୍ଷତାକୁ ଏହି ପୋଷ୍ଟ ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଏ ସମ୍ପର୍କରେ ସାମାଜିକ କର୍ମୀ ବାନାମ୍ବର ସାହୁ କହିଛନ୍ତି, ଜିଲାରେ ଉଦ୍‌ବୃତ୍ତ ବର୍ଷା ଓ ବନ୍ୟାଜଳ ନିଷ୍କାସନ ବ୍ୟବସ୍ଥା ଏକ ବଡ଼ ସମସ୍ୟା ହୋଇଛି। ଜିଲାରେ ୭ ନଦୀ ଓ ୨୭ ଶାଖା ନାଳ ଅଛି। ମହାନଦୀ, ବ୍ରାହ୍ମଣୀ ଓ ବୈତରଣୀ ସିଷ୍ଟମରେ ଥିବା ନଦୀରେ ସାମାନ୍ୟ ଅଧିକ ପାଣି ଜିଲାର ଜନଜୀବନକୁ ଅସ୍ତବ୍ୟସ୍ତ କରିପକାଉଛି। ନଦୀବନ୍ଧର ସୁଦୃଢ଼ୀକରଣ ସହ ନିଷ୍କାସନ ପଥ ବର୍ଷାଋତୁ ପୂର୍ବରୁ ସଫା ରଖିବା ଆବଶ୍ୟକ। ଇତିମଧ୍ୟରେ କେନ୍ଦ୍ରାପଡ଼ା ଜିଲା ମାନ୍ୟତାକୁ ୨୮ ବର୍ଷ ବିତିଛି। ବନ୍ୟାଜଳ ନିଷ୍କାସନ ପାଇଁ ଅଦ୍ୟାବଧି କୌଣସି ଯୋଜନା କାର୍ଯ୍ୟକାରୀ ହୋଇ ନ ଥିବା ସେ କ୍ଷୋଭ ପ୍ରକାଶ କରିଛନ୍ତି। ମହାକାଳପଡ଼ାର ସୂର୍ଯ୍ୟପ୍ରକାଶ ପାଣି କହିଛନ୍ତି, ଏହି ଜିଲା ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ। ସାମାନ୍ୟ ବର୍ଷା ଅଧିକ ହେଲେ ଜିଲାର ୧୬୦ ଗ୍ରାମରେ ବନ୍ୟାଜଳ ପ୍ରବେଶ କରୁଛି। ବିଶେଷ ଭାବେ ରାଜକନିକା ଓ ଆଳି ବ୍ଲକ ଅଞ୍ଚଳର ସର୍ବାଧିକ ୫୦ ଗାଁ ବନ୍ୟା ଯୋଗୁ ପ୍ରଭାବିତ ହେଉଛନ୍ତି। ସେହିପରି ରାଜନଗରର ୩୪ ଗାଁ, ପଟ୍ଟାମୁଣ୍ଡାଇର ୨୫ ଗାଁ ବନ୍ୟା ଘେରରେ ରହୁଥିବା ବେଳେ ମହାକାଳପଡ଼ା, ମାର୍ଶାଘାଇ, ଡେରାବିଶ, ଗରଦପୁର ବ୍ଲକ ଅଞ୍ଚଳର କେତେଗୋଟି ଗ୍ରାମ ପ୍ରଭାବିତ ହେଉଛି। ଅତ୍ୟଧିକ ବନ୍ୟା ଆସିଲେ ଗରଦପୁର ବ୍ଲକ ଅଞ୍ଚଳର ୫ ଗାଁର ଜନଜୀବନକୁ ବ୍ୟତିବ୍ୟସ୍ତ କରୁଛି। ଚାଷ ଉଜୁଡ଼ିବା ସହ ଅନେକ ପ୍ରାକୃତିକ ସମ୍ପଦ ନଷ୍ଟ ହେଉଛି। ନଦୀଶଯ୍ୟା ଖନନ, ବନ୍ଧବାଡ଼ର ମରାମତି ସହ ନୂତନ ବନ୍ଧର ଆବଶ୍ୟକତା ଅଛି। ସାମାଜିକ କର୍ମୀ ବିଭୂତି ଭୂଷଣ ରାଉତ କହିଛନ୍ତି, ଗୋବରୀ ନଦୀରେ ବନ୍ଧ ନାହିଁ। ଏହି ନଦୀ କୂଳରେ ଘର ଓ ଗ୍ରାମ ରହିଛି। ବର୍ଷାଋତୁରେ ନଦୀରୁ ପାଣି ଉଛୁଳି ଘରେ ପଶୁଛି। କୁମ୍ଭୀର ଭୟ ଥିବାରୁ ଗ୍ରାମବାସୀ ସର୍ବଦା ଭୟଭୀତ ହୋଇଥାନ୍ତି। ଏ ନେଇ ସ୍ଥାନୀୟ ଅଧିବାସୀ ରାଜନେତା ଓ ଜିଲା ପ୍ରଶାସନ ନିକଟରେ ବନ୍ଧ ପାଇଁ ବାରମ୍ବାର ଦୃଷ୍ଟି ଆକର୍ଷଣ କରିଛନ୍ତି। ତେବେ ଏହି ସମସ୍ୟାର ସମାଧାନ ହେଉନାହିଁ। ପରିବେଶବିତ୍ ଅଧ୍ୟାପକ କ୍ଷିତୀଶ କୁମାର ସିଂହ କହିଛନ୍ତି, ସମସ୍ୟାର ସମାଧାନ ପାଇଁ ନଦୀ ସଂଯୋଗୀକରଣକୁ ଜିଲାବାସୀ ଅଗ୍ରାଧିକାର ଦେଇଛନ୍ତି। ନଦୀର ମଧୁରଜଳକୁ ସମୁଦ୍ରକୁ ନିର୍ଦ୍ଦିଷ୍ଟ ମାତ୍ରାରେ ଛାଡ଼ି ଅବଶିଷ୍ଟକୁ ପାନୀୟ ଓ କ୍ଷେତରେ ବ୍ୟବହାର କରିହେବ। ବିଭିନ୍ନ ସ୍ଥାନରେ କ୍ରିକ୍ ବନ୍ଧ ସହ ବନ୍ୟାକୁ ରୋକିବା ପାଇଁ ନଦୀବନ୍ଧ ବ୍ୟବସ୍ଥା କରିବାକୁ ପଡ଼ିବ। ଏଥିସହ କ୍ଷେତରୁ ଉଦ୍‌ବୃତ୍ତ ଜଳ ନିଷ୍କାସନ ପାଇଁ ସ୍ୱତନ୍ତ୍ର ଯୋଜନା ଆବଶ୍ୟକ। ରାଜନେତାଙ୍କର ଏହି ସ୍ଥାନୀୟ ସମସ୍ୟା ପ୍ରତି ଧ୍ୟାନ ରହୁ ନ ଥିବା ସେ ମତ ଦେଇଛନ୍ତି।

# ମହିଳା ବିଜେଡି ପକ୍ଷରୁ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ


ଓସ୍ତିଆ ପଞ୍ଚାୟତରେ ମହିଳା ବିଜେଡି କର୍ମୀମାନେ ଘରକୁ ଘର ଯାଇ ଶଙ୍ଖ ଚିହ୍ନ ଲଗାଉଛନ୍ତି।

ରାଜନଗର, ୬।୫(ଭାସ୍କର ରାଉତରାୟ)

ସାଧାରଣ ନିର୍ବାଚନ ତାରିଖ ପାଖେଇ ଆସୁଥିବା ବେଳେ ବିଜେଡି ଲୋକଙ୍କ ପାଖରେ ପହଞ୍ଚିବା ପାଇଁ ବିଭିନ୍ନ ତରିକାରେ ପ୍ରଚାର ଆରମ୍ଭ କରିଛି। ନାମାଙ୍କନ ଦାଖଲ ପୂର୍ବରୁ ପ୍ରତି ପଞ୍ଚାୟତରେ କର୍ମୀ ସମ୍ମିଳନୀ ଚାଲିଥିବା ବେଳେ ରବିବାରଠାରୁ ମହିଳା ବିଜେଡି ପକ୍ଷରୁ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଜନଗର ବ୍ଲକ ଓସ୍ତିଆ ପଞ୍ଚାୟତରୁ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ମହିଳା ବିଜେଡି ସଭାନେତ୍ରୀ ରଶ୍ମିରଞ୍ଜିତା ସ୍ୱାଇଁଙ୍କ ନେତୃତ୍ୱରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ନାରୀନେତ୍ରୀ ସୁଜାତା ନାୟକ, ଓସ୍ତିଆ ପଞ୍ଚାୟତ ସରପଞ୍ଚ ବୈଦେହୀ ଦାସ ପ୍ରମୁଖ ଶତାଧିକ ମହିଳାଙ୍କ ସହ ଘରକୁ ଘର ବୁଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ଲୋକଙ୍କୁ ବୁଝାଇବା ସହ ପ୍ରତ୍ୟେକ ଘରର କବାଟରେ ଶଙ୍ଖ ଚିହ୍ନ ମାରୁଛନ୍ତି। ଓସ୍ତିଆ ପଞ୍ଚାୟତର ଓସ୍ତିଆ, ନଗଡ, ବନ୍ଧପାଟଣା, ବାଲିକଣା, ଭଗବାନପୁର ପ୍ରଭୃତି ଗାଁରେ ଘରକୁ ଘର ବୁଲି ଶଙ୍ଖ ଚିହ୍ନ ମାରିଥିଲେ। ସୋମବାର ବେଲପାଳ ଗାଁରେ ଘରକୁ ଘର ବୁଲି ରାଜନଗର ବିଧାୟକ ଧ୍ରୁବ ସାହୁ ଓ ସାଂସଦ ପ୍ରାର୍ଥୀ ଅଂଶୁମାନ ମହାନ୍ତିଙ୍କୁ ଶଙ୍ଖ ଚିହ୍ନରେ ଭୋଟଦେବାକୁ କହିବା ସହ ସରକାରଙ୍କ ଯୋଜନା ସମ୍ପର୍କରେ ସଚେତନ କରାଇଛନ୍ତି। ଏହି କାର୍ଯ୍ୟକ୍ରମରେ ସ୍ୱର୍ଣ୍ଣଲତା ମହାନ୍ତି, ଜୟନ୍ତୀ ଦାସ, ମମତା ଯତି, ଛବିରାଣୀ ବିଶ୍ୱାଳ, ପୁଷ୍ପଲତା ଜେନା, ପାଞ୍ଚାଳି ସ୍ୱାଇଁ, ଝୁନାରାଣୀ ପ୍ରଧାନ ପ୍ରମୁଖ ସାମିଲ ହୋଇଥିଲେ।

# କଂଗ୍ରେସ କର୍ମୀ ସମ୍ମିଳନୀ, ମିଶ୍ରଣ ପର୍ବ

ରଘୁନାଥପୁର,୬।୫(ରାଜେନ୍ଦ୍ର ନାରାୟଣ ସିଂହ)

ଆଗାମୀ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ରଘୁନାଥପୁର ବ୍ଲକ ରାଢ଼ଙ୍ଗ ପଞ୍ଚାୟତରେ କଂଗ୍ରେସ ଦଳପକ୍ଷରୁ କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଇଂ.ହିମାଂଶୁ ଭୂଷଣ ମଲ୍ଲିକଙ୍କ ନେତୃତ୍ୱକୁ ଭରଷା କରି ବିଜେଡି ଓ ଭାଜପା ଦଳର ଅନେକ ଆଗ ଧାଡିର କର୍ମୀ କଂଗ୍ରେସ ଦଳରେ ବିଧିବଦ୍ଧ ଭାବେ ଯୋଗଦେଇଥିଲେ। ଇଂ.ମଲ୍ଲିକ ସେମାନଙ୍କୁ ଦଳୀୟ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ। ଏହି ଅବସରରେ ଚଳିତ ନିର୍ବାଚନରେ କିପରି ଦଳ ରାଢ଼ଙ୍ଗ ପଞ୍ଚାୟତରେ ସୁସଂଗଠିତ ହୋଇ ଲଢ଼େଇ କରିବ ସେସମ୍ପର୍କରେ ଆଲୋଚନା ହୋଇଥିଲା। ମିଶ୍ରଣ ପର୍ବରେ ନାରାୟଣ ନାୟକ, ସଞ୍ଜୟ ପାଳ, ଦୁର୍ଗାପ୍ରସାଦ ନାୟକ, ସତ୍ୟବ୍ରତ ଜେନା, ଚିତ୍ତରଞ୍ଜନ ନାୟକ, ପ୍ରମୋଦ ନାୟକ, ଶିଶିର ରାଉତ, ନିରୋଦ ନାୟକ, ଜଗନ୍ନାଥ ଜେନା, ରାକେଶ କୁମାର ପାଳ, ସ୍ୱସ୍ତି ଚନ୍ଦନ ପାଳ, ଅମର ପାଳ, ରବିନ ଜେନା, ଅଭିରାମ ମଲ୍ଲିକ, ଶୋଭାରାଣୀ ରାଉତ, ରଞ୍ଜନ ନାୟକ, ଶସାଙ୍କ ମୁଦୁଲି, ଅଭିମନ୍ୟୁ ସ୍ୱାଇଁ, ତପନ ନାୟକ, ଲକ୍ଷ୍ମୀଧର ନାୟକ, ଦେବାଶିଷ ରାଉତଙ୍କ ସମେତ ଅନେକ ବିରୋଧୀ ଦଳ କର୍ମୀ କଂଗ୍ରେସରେ ଯୋଗଦେଇଥିଲେ। ଉକ୍ତ ବୈଠକରେ ବ୍ଲକ କଂଗ୍ରେସ ଉପ ସଭାପତି ଆର୍ତ୍ତତ୍ରାଣ ପଣ୍ଡା, ପଞ୍ଚାୟତ କଂଗ୍ରେସ ସଭାପତି ମନୋଜ ବିଶ୍ୱାଳ, ବ୍ଲକ ଯୁବ କଂଗ୍ରେସ ସଭାପତି ଅମରେଶ ରାଉତ, ରମେଶ ଚନ୍ଦ୍ର ରାଉତ, ଅରୁଣ ଜେନା, ଶରତ ରାଉତ , ସୁଦାମ ପାଳ ହୃଷିକେଶ ରାଉତ,ବିଜୟ ରାଉତ, ପ୍ରଭାକର ଜେନା, ପ୍ରସନ୍ନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ପର୍ଯ୍ୟବେକ୍ଷକଙ୍କ ନିର୍ବାଚନ ପରିଚାଳନାର ସମୀକ୍ଷା


ସମୀକ୍ଷା ବୈଠକରେ ପର୍ଯ୍ୟବେକ୍ଷକ ଓ ଜିଲାର ପ୍ରଶାସନିକ ଅଧିକାରୀମାନେ।

କେନ୍ଦ୍ରାପଡ଼ା, ୬।୫ (ଜଗନ୍ନାଥ ଧଳ)

ଆସନ୍ତା ଜୁନ ୧ରେ କେନ୍ଦ୍ରାପଡା ଜିଲାରେ ମତଦାନ ହେବ। ଏହା ପୂର୍ବରୁ ସ୍ୱତନ୍ତ୍ର ସାଧାରଣ ପର୍ଯ୍ୟବେକ୍ଷକ ଯୋଗେନ୍ଦ୍ର ତ୍ରିପାଠୀ ଓ ସ୍ୱତନ୍ତ୍ର ଖର୍ଚ୍ଚ ପର୍ଯ୍ୟବେକ୍ଷକ ହିମାଳିନୀ କାଶ୍ୟପ ଏକ ଦିନିକିଆ କେନ୍ଦ୍ରାପଡ଼ା ଜିଲା ଗସ୍ତରେ ଆସି ପରିଚାଳନା ପ୍ରସ୍ତୁତି ସମ୍ପର୍କରେ ସୋମବାର ସମୀକ୍ଷା କରିଛନ୍ତି। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ ମୁକ୍ତ, ଅବାଧ, ନିରପେକ୍ଷ ଓ ଶାନ୍ତିପୂର୍ଣ୍ଣ ନିର୍ବାଚନ ପରିଚାଳନା ଉପରେ ସେମାନେ ଗୁରୁତ୍ୱାରୋପ କରିଥିଲେ। ଜିଲା ନିର୍ବାଚନ ଅଧିକାରୀ ସୂର୍ଯ୍ୟବଂଶୀ ମୟୂର ବିକାଶ ଏ ସମ୍ପର୍କରେ ସମସ୍ତ ତଥ୍ୟ ଉପସ୍ଥାପନ କରିଥିଲେ। ସମ୍ବେଦନଶୀଳ ବୁଥ୍‌ରେ ପୋଲିସ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ଏସ୍‌ପି ସିଦ୍ଧାର୍ଥ କଟାରିଆ ଜଣାଇଥିଲେ। ମୋଟ ୧୪୪୫ ବୁଥ୍‌ରୁ ୬୪ ସମ୍ବେଦନଶୀଳ ବୁଥ୍‌ରେ ଲାଇଭ୍ ୱେବ୍‌କାଷ୍ଟିଂ, ସିସିଟିଭି ସର୍ଭେଲାନ୍ସ, ଭିଡିଓଗ୍ରାଫି ଓ ମାଇକ୍ରୋ ଅବଜରଭର ନିଯୁକ୍ତ କରାଯିବ। ଏଥିସହ ୧୫ଟି ଫ୍ଲାଇଙ୍ଗ୍ ସର୍ଭେଲାନ୍ସ ଟିମ୍ (ଏଫ୍‌ଏସ୍‌ଟି) କାର୍ଯ୍ୟ କରୁଥିବା ବେଳେ ଏହାର ସଂଖ୍ୟା ବୃଦ୍ଧି କରିବାକୁ ପର୍ଯ୍ୟବେକ୍ଷକମାନେ ପରାମର୍ଶ ଦେଇଛନ୍ତି। ଏହି ବୈଠକରେ ସମସ୍ତ ବିଧାନସଭା ଆସନର ରିଟର୍ନିଂ ଅଫିସରଙ୍କ ସହ ପ୍ରଶାସନିକ ଅଧିକାରୀମାନେ ଯୋଗ ଦେଇଥିଲେ।

# ଭାଜପାର କାର୍ଯ୍ୟକର୍ତ୍ତା ସମ୍ମିଳନୀ, ମିଶ୍ରଣ ପର୍ବ

ମହାକାଳପଡ଼ା, ୬।୫(ପ୍ରତାପ ଚନ୍ଦ୍ର ସ୍ୱାଇଁ)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀରେ ଭାଜପା ପ୍ରାର୍ଥୀ ଦୁର୍ଗା ପ୍ରସନ୍ନ ନାୟକଙ୍କ ନାମ ଘୋଷଣା ପରେ ଦଳୀୟ କର୍ମୀମାନେ ବେଶ୍ ଉତ୍ସାହିତ ହୋଇଛନ୍ତି। ଭାଜପା ପ୍ରାର୍ଥୀ ପ୍ରତି ପଞ୍ଚାୟତରେ ସଙ୍ଗଠନକୁ ସୁଦୃଢ଼ କରିବା ପାଇଁ ଦଳୀୟ କାର୍ଯ୍ୟକର୍ତ୍ତା ବୈଠକ ଅନୁଷ୍ଠିତ ହେଉଛି। ଏହି ଅବସରରେ ସ୍ଥାନୀୟ ରାଜନଗର ପଞ୍ଚାୟତରେ ଭାଜପା ପକ୍ଷରୁ ଏକ କାର୍ଯ୍ୟକର୍ତ୍ତା ସମ୍ମିଳନୀ ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏହି ମିଶ୍ରଣ ପର୍ବରେ ଭାଜପା ପ୍ରାର୍ଥୀ ନାୟକ ଯୋଗଦେଇ ଅନ୍ୟ ଦଳରୁ ଆସିଥିବା କର୍ମୀଙ୍କୁ ଦଳୀୟ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ। ଏଥିରେ ରତନ କାଞ୍ଜିଲାଲଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସୁକାନ୍ତ କୁମାର ଦାଶ, ପ୍ରଶାନ୍ତ କୁମାର ସେଠୀ, ତ୍ରିଲୋଚନ ରାଉତ, କୃଷ୍ଣପଦ ମଣ୍ଡଳ, ଧନୁର୍ଜୟ ମିର୍ଦ୍ଧା, ଚନ୍ଦ୍ରକାନ୍ତ ସ୍ୱାଇଁ, ରାନି ହାଲଦାର, ରଞ୍ଜନ ମଣ୍ଡଳଙ୍କ ସମେତ ବହୁସଂଖ୍ୟାରେ ଦଳୀୟ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ।

# ହାଟସାହି ପଞ୍ଚାୟତରେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ

ରାଜକନିକା, ୬।୫(ରବୀନ୍ଦ୍ର କୁମାର ଦାସ)

ରାଜକନିକା ବ୍ଲକ ହାଟସାହି ପଞ୍ଚାୟତରେ ସୋମବାର ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ହାଟସାହି ଚଉଦମାଣିଆ ତାରିଣୀ ମନ୍ଦିର ପ୍ରାଙ୍ଗଣରୁ ଏହି କାର୍ଯ୍ୟକ୍ରମକୁ ରାଜକନିକା ବ୍ଲକ ଅଧ୍ୟକ୍ଷା ମିନତି ରାଉତ ଉଦ୍‌ଘାଟନ କରିଥିବା ବେଳେ ବିଜେଡି ନେତା ସଞ୍ଜୟ ବେଉରିଆଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ଦେଖିବାକୁ ମିଳିଛି। ଏଥିରେ ଅଞ୍ଚଳର ଏକାଧିକ ଲୋକ ସାମିଲ ହୋଇଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତ ସଭାପତି ବିପିନ ନାୟକ, ଯୁବନେତା ପ୍ରଭାତ ଦାସ, ଉମାକାନ୍ତ ବେଉରିଆ, ନନ୍ଦିଆଚାନ୍ଦ ରାଉତ, ହୃଷୀକେଶ ବେଉରିଆ, ସାଗର ବଳ ପ୍ରମୁଖ ଉପସ୍ଥିତ ଥିଲେ।

# ଆପ୍ ମହାକାଳପଡ଼ା ବିଧାୟକ ପ୍ରାର୍ଥୀ ଦେବାଶିଷ



ଖବରଦାତା ସମ୍ମିଳନୀରେ ଆପ୍‌ର ନେତାମାନେ।

କେନ୍ଦ୍ରାପଡ଼ା, ୬।୫ (ଜଗନ୍ନାଥ ଧଳ)

ଚଳିତ ସାଧାରଣ ନିର୍ବାଚନ ପାଇଁ ଜିଲା ଆମ୍ ଆଦ୍‌ମୀ ପାର୍ଟି(ଆପ୍) ପକ୍ଷରୁ ପ୍ରସ୍ତୁତି ଜୋର୍‌ଦାର ହୋଇଛି। ଜିଲାର ମହାକାଳପଡ଼ା ବିଧାନସଭା କ୍ଷେତ୍ର ପାଇଁ ଇଂ. ଦେବାଶିଷ ଦାସଙ୍କୁ ପ୍ରାର୍ଥୀ କରିବ ବୋଲି ଦଳ ସୋମବାର ଘୋଷଣା କରିଛି। ଏ ନେଇ କେନ୍ଦ୍ରାପଡ଼ା ସହର ଶ୍ୟାମସୁନ୍ଦରପୁରଗଡ଼ା ସ୍ଥିତ କାର୍ଯ୍ୟାଳୟ ପରିସରରେ ଏକ ଖବରଦାତା ସମ୍ମିଳନୀ ଆୟୋଜନ କରାଯାଇ ଏ ସମ୍ପର୍କରେ ସୂଚନା ଦିଆଯାଇଛି। ଜିଲା ସଭାପତି ସନ୍ଦୀପ୍ତ କୁମାର ଦାସ କହିଛନ୍ତି, ଆପ୍ ପକ୍ଷରୁ ଜିଲାର ୫ ବିଧାନସଭା ଆସନରୁ ପାଟକୁରାରୁ ରାଜ୍ୟ ସମ୍ପାଦକ ଅଶୋକ କୁମାର ତ୍ରିପାଠୀ ବିଧାୟକ ପ୍ରାର୍ଥୀ ହେଉଛନ୍ତି। ଏହାବ୍ୟତୀତ ମହାକାଳପଡ଼ା ବିଧାନସଭା କ୍ଷେତ୍ରରୁ ଛାତ୍ରନେତା ବୈବମନୁ ବେହେରାଙ୍କୁ ପୂର୍ବରୁ ପ୍ରାର୍ଥୀ ଘୋଷଣା କରାଯାଇଥିବା ବେଳେ ସେ ବ୍ୟକ୍ତିଗତ କାରଣରୁ ଓହରିଯାଇଛନ୍ତି। ଏହି ପରିପ୍ରେକ୍ଷୀରେ ଆପ୍‌ର କର୍ମକର୍ତ୍ତା ତଥା ସାମାଜିକ କର୍ମୀ ଇଂ. ଦେବାଷିଷ ଦାସଙ୍କୁ ଦଳ ପକ୍ଷରୁ ମହାକାଳପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀର ପ୍ରାର୍ଥୀ ଭାବେ ସ୍ୱୀକୃତି ଦିଆଯାଇଛି। ପ୍ରାର୍ଥିତ୍ୱ ସମ୍ପର୍କରେ ଇଂ. ଦାସ କହିଛନ୍ତି, ଜିଲାର ଉପାନ୍ତ ଅଞ୍ଚଳ ମହାକାଳପଡ଼ାର ବିକାଶରେ ବାଧକ ଗମନାଗମନ ପଥ। ମହାକାଳପଡ଼ାର ସର୍ବାଙ୍ଗୀନ ଉନ୍ନତି ପାଇଁ ସେ କାମ କରିବେ। ଏହାବ୍ୟତୀତ ଏଠାରେ ସାମୁଦ୍ରିକ ଜୀବ ଗବେଷଣାଗାର, ଜାତୀୟ ଉଦ୍ୟାନ ଭିତରକନିକାକୁ ଆସୁଥିବା ୨୧୧ ପକ୍ଷୀ ଓ ଦେଶୀ ପକ୍ଷୀଙ୍କୁ ନେଇ ଚିଡ଼ିଆଘର ଆଦି ସ୍ଥାପନା ପାଇଁ ଉଦ୍ୟମ ହେବ। ବିଧାୟକ ହେଲେ ଶିଳ୍ପ ପାଇଁ ଯୁବ ତାଲିମକୁ ଗୁରୁତ୍ୱ ଦିଆଯିବ। ଏହି ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ପ୍ରଭାରୀ ସୂର୍ଯ୍ୟକାନ୍ତ ପରିଡ଼ା, ଉପସଭାପତି ଅପୂର୍ବ ରଞ୍ଜନ ସେଠୀ, ମହାକାଳପଡ଼ା ଆବାହକ ବୈବମନୁ ବେହେରା, ପାଟକୁରା ପ୍ରଭାରୀ କୁମୁଦ କୁମାର ରାଉତ, କୋଷାଧ୍ୟକ୍ଷ ମହମ୍ମଦ ସାହିଲ ସାମିଲ ହୋଇଥିଲେ।

# ଡେରାବିଶରେ ଅରବିନ୍ଦଙ୍କ ନିର୍ବାଚନୀ ପ୍ରଚାର


ବିଧାୟକ ପ୍ରାର୍ଥୀ ଅରବିନ୍ଦ ମହାପାତ୍ର ଗୋଲରାହାଟରେ ପ୍ରଚାର କରୁଛନ୍ତି।

ଡେରାବିଶ,୬।୫, (ବେବର୍ତ୍ତା ଅଜୟ ଦାସ)

ପାଟକୁରା ନିର୍ବାଚନମଣ୍ଡଳୀରେ ରାଜନୈତିକ ପାଣିପାଗ ଦିନକୁ ଦିନ ଉଷ୍ମ ହେବାକୁ ଲାଗିଛି। ବିଜେଡିର ବିଧାୟକ ପ୍ରାର୍ଥୀ ଅରବିନ୍ଦ ମହାପାତ୍ର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଡେରାବିଶ ଓ ଗରଦପୁର ବ୍ଲକରେ ପ୍ରଚାରକୁ ଯୋରଦାର କରିଛନ୍ତି। ସୋମବାର ସନ୍ଧ୍ୟାରେ ଡେରାବିଶ ବ୍ଲକ ଅଧୀନ ଗୋଲରାହାଟ ମୁସଲମାନ ବସ୍ତିର ପ୍ରତ୍ୟେକ ପରିବାରକୁ ଯାଇ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନହିତକର ଯୋଜନା ବିଷୟରେ ଲୋକମାନଙ୍କୁ ବୁଝାଇଥିଲେ। ଏହି ଅବସରରେ ମିଶନ ଶକ୍ତି ଦ୍ୱାରା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ଗୋଲରାହାଟସ୍ଥିତ ଉତ୍କଳ ଗ୍ରାମୀଣ ପ୍ରଡ୍ୟୁସର ଗ୍ରୁପ ଦ୍ୱାରା ପ୍ରସ୍ତୁତ ଏମ୍ବ୍ରୋଡରି ଓ ସିଲେଇ ସାମଗ୍ରୀ ଅରବିନ୍ଦ ବୁଲି ଦେଖିଥିଲେ। ଗ୍ରୁପର ସମ୍ପାଦିକା ରେଶମା ବେଗମ ଓ ସଭାପତି ଲେସାତୁନ ବିବିଙ୍କ ସମେତ ଶତାଧିକ ମହିଳା ଅରବିନ୍ଦଙ୍କୁ ସ୍ୱାଗତ କରିଥିଲେ। ତେବେ ଗୋଲରାହାଟ ପଞ୍ଚାୟତରେ ଅରବିନ୍ଦଙ୍କୁ ବହୁ ସଂଖ୍ୟାରେ ଯୁବକମାନେ ସ୍ୱାଗତ କରିବା ସହ ଘରକୁ ଘର ବୁଲି ପ୍ରଚାର କାର୍ଯ୍ୟକ୍ରମ କରିଥିଲେ। ପ୍ରଥମେ ଅରବିନ୍ଦ ସୟଦ ଜମାଲ ଶାହା ପୀର ବାବାଙ୍କ ଦରଘା ପୀଠକୁ ଯାଇ ଆଶୀର୍ବାଦ ଭିକ୍ଷା କରିଥିଲେ। ଅରବିନ୍ଦଙ୍କ ଏହି ନିର୍ବାଚନୀ ପ୍ରଚାର କାର୍ଯ୍ୟକ୍ରମରେ ପୂର୍ବତନ ଜିଲା ପରିଷଦ ସଭ୍ୟ ଗଣେଶ ଚନ୍ଦ୍ର ସାମଲ, ସରୋଜକାନ୍ତ ନାୟକ, ଦିଲୀପ ଦାସ, ନିରଞ୍ଜନ କର, କ୍ଷୀରୋଦ ନାୟକ, ଗଣେଶ୍ୱର ବେହେରା, ପୂର୍ବତନ ସରପଞ୍ଚ ତ୍ରିଲୋଚନ ରାଉତ, ସରପଞ୍ଚ କାଶୀନାଥ କାଣ୍ଡି ଓ ପ୍ରବୀର କୁମାର ସିଂହ, ଯୁବ ସଙ୍ଗଠକ ସମିତ କୁମାର ସିଂହ, ସାହାଜାନ ଖାଁ, ସୋଲେମାନ ଖାଁ, ସୟଦ ଅରମାନ ଅଲ୍ଲି, ଲୋକମାନ ଖାଁ, ସୟଦ ଅଜହର ଅଲ୍ଲି, ତାଲେବ ଖାଁ, ଅବଦୁଲ ଆହାଦ ଖାଁ ଓ ମକବୁଲ ଖାଁ ପ୍ରମୁଖ ଉପସ୍ଥିତ ରହିଥିଲେ।

# ବନ୍ଦର ପୋତାଶ୍ରୟରୁ ହରିଣ ଉଦ୍ଧାର

ପାରାଦୀପ,୬।୫(ଶରତ ରାଉତ)



ପାରାଦୀପ ବନ୍ଦର ପୋତାଶ୍ରୟ ମଧ୍ୟରୁ ସୋମବାର ଏକ ହରିଣକୁ ଉଦ୍ଧାର କରାଯାଇଛି। ହରିଣଟି ଏକ ଜାହାଜ ପାଖରେ ଭାସୁଥିଲା। ଏହା ଦେଖି ସିଆଇଏସ୍‌ଏଫ କର୍ମଚାରୀମାନେ ତାକୁ ଉଦ୍ଧାର କରି ବନବିଭାଗକୁ ହସ୍ତାନ୍ତର କରିଛନ୍ତି। ହରିଣ କିପରି ଓ କେଉଁ ଅବସ୍ଥାରେ ପୋତାଶ୍ରୟ ମଧ୍ୟକୁ ଆସିଲା ତାହା ଜଣାପଡିନାହିଁ। ଗତ ୬ ମାସ ମଧ୍ୟରେ ଏପରି ହରିଣ ଉଦ୍ଧାର ଦ୍ୱିତୀୟ ଘଟଣା ବୋଲି ଜଣାପଡିଛି। ଜଟାଧାରମୁହାଣ ପାଖ ଜଙ୍ଗଲରୁ ହରିଣ ପଳାଇ ଆସିଥିବା କୁହାଯାଇଛି।

# ପ୍ରଚାର ମଇଦାନରେ ବିଧାୟକ ପ୍ରାର୍ଥୀ ପ୍ରତାପ

ରାଜକନିକା, ୬।୫ (ସଞ୍ଜୟ କୁମାର ଦାଶ/ ରବୀନ୍ଦ୍ର କୁମାର ଦାସ)



ହାବଳଗଣ୍ଡରେ ବିଧାୟକ ପ୍ରାର୍ଥୀ ପ୍ରତାପ କେଶରୀ ଦେବ ଓ ଅନ୍ୟମାନେ ପ୍ରଚାର କରୁଛନ୍ତି।

ରାଜକନିକା ବ୍ଲକ ପାରିନୂଆପଡ଼ା-ହାବଳଗଣ୍ଡ ପଞ୍ଚାୟତର ହାବଳଗଣ୍ଡ ସ୍କୁଲ ପଡ଼ିଆଠାରେ ବିଜେଡିର କର୍ମୀ ସମ୍ମିଳନୀ ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ରାଜକନିକା ବ୍ଲକ ବିଜେଡି ସଙ୍ଗଠକ ପବିତ୍ର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ କର୍ମୀ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଆଳି ନିର୍ବାଚନମଣ୍ଡଳୀର ବିଧାୟକ ପ୍ରାର୍ଥୀ ପ୍ରତାପ କେଶରୀ ଦେବ ଯୋଗଦେଇ କର୍ମୀମାନଙ୍କୁ ଗୁରୁମନ୍ତ୍ର ଦେଇଥିଲେ। ସମ୍ମାନିତ ଅତିଥି ଭାବେ ରାଜକନିକା ବ୍ଲକ ବିଜେଡି ସଭାପତି ବିଦ୍ୟାଧର ବେହେରା, ବିଧାୟକଙ୍କ ପ୍ରତିନିଧି ବିକାଶ ଚନ୍ଦ୍ର ଦାସ, ପୂର୍ବତନ ରାଜକନିକା ପଞ୍ଚାୟତ ସମିତି ଅଧ୍ୟକ୍ଷ କପିଳେନ୍ଦ୍ର ମଲ୍ଲିକ, ରାଜକନିକା ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନତି ରାଉତ, ୨୮ନଂ. ଜୋନ୍ ଜିଲା ପରିଷଦ ସଭ୍ୟ ପ୍ରତାପ ବେହେରା ଓ ରାଜକନିକା ବ୍ଲକ ବିଜେଡିର ମହିଳା ମୋର୍ଚ୍ଚାର ସଭାନେତ୍ରୀ ସଂଯୁକ୍ତା ଶତପଥୀ ପ୍ରମୁଖ ଯୋଗଦେଇଥିଲେ। ସେମାନେ ବକ୍ତବ୍ୟରେ ବିଜେଡି ସରକାରଙ୍କ ଜନହିତକର ଯୋଜନାଗୁଡ଼ିକ ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇବା ସହ ଷଷ୍ଠଥର ପାଇଁ ନବୀନ ପଟ୍ଟନାୟକଙ୍କ ହାତମୁଠାକୁ ଟାଣ କରିବା ପାଇଁ ବିଧାୟକ ପ୍ରାର୍ଥୀ ପ୍ରତାପ କେଶରୀ ଦେବ ଓ ସାଂସଦ ପ୍ରାର୍ଥୀ ଅଂଶୁମାନ ମହାନ୍ତିଙ୍କୁ ଭୋଟ ଦେବାକୁ ନିବେଦନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକର ୨୯ଟି ପଞ୍ଚାୟତର ନେତୃମୂଳ ସ୍ତରୀୟ କର୍ମୀମାନେ ଉପସ୍ଥିତ ଥିଲେ।

# ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ ନେଇ ଅଭିଯୋଗ

ରାଜକନିକା, ୬।୫(ସଞ୍ଜୟ କୁମାର ଦାଶ)

**ଭାଜପା ବିଧାୟକ ପ୍ରାର୍ଥୀ କୃଷ୍ଣଚନ୍ଦ୍ରଙ୍କ ଖବରଦାତା ସମ୍ମିଳନୀ**



ଖବରଦାତା ସମ୍ମିଳନୀରେ ଭାଜପା ବିଧାୟକ ପ୍ରାର୍ଥୀ କୃଷ୍ଣଚନ୍ଦ୍ର ପଣ୍ଡା ଓ ଅନ୍ୟମାନେ।

ରାଜକନିକା ବ୍ଲକ ଭାଜପା ନିର୍ବାଚନୀ କାର୍ଯ୍ୟାଳୟ ହାରାମଣୀ ମାର୍କେଟ କମ୍ପ୍ଲେକ୍ସଠାରେ ଆଳି ନିର୍ବାଚନମଣ୍ଡଳୀ ଭାଜପା ବିଧାୟକ ପ୍ରାର୍ଥୀ କୃଷ୍ଣଚନ୍ଦ୍ର ପଣ୍ଡାଙ୍କ ଆହ୍ୱାନରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ କରିଥିବା ବ୍ଲକ୍‌ସ୍ତରୀୟ ମହିଳା ମହାସଂଘର ସଭାନେତ୍ରୀ ସଂଯୁକ୍ତା ଶତପଥୀଙ୍କ ବିରୋଧରେ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିବା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ବିଧାୟକ ପ୍ରାର୍ଥୀ ପଣ୍ଡା କହିଛନ୍ତି, ରାଜକନିକା ବ୍ଲକ୍‌ସ୍ତରୀୟ ମହିଳା ମହାସଂଘର ସଭାନେତ୍ରୀ ଶତପଥୀ ଥିବାବେଳେ କିପରି ବିଜେଡି ନିର୍ବାଚନୀ ସଭାରେ ବିଧାୟକ ପ୍ରାର୍ଥୀ ପ୍ରତାପ ଦେବଙ୍କ ସହ ମଞ୍ଚରେ ଉପସ୍ଥିତ ରହି ଦଳ ସପକ୍ଷରେ ଭୋଟ ମାଗିବା, ଜନସାଧାରଣଙ୍କୁ ଏହା ପ୍ରଭାବିତ କରୁଥିବା କହିଛନ୍ତି। ସେହିପରି ମିଶନ ଶକ୍ତି ରାଜକନିକା ବ୍ଲକ ସଂଯୋଜକ ସୁଶାନ୍ତ ମଲିକଙ୍କ ଘର ରାଜକନିକା ବ୍ଲକରେ ହୋଇଥିବା ବେଳେ କେଉଁ ନ୍ୟାୟରେ ନିଜ ବ୍ଲକ୍‌ରେ ଅବସ୍ଥିତ ଅଛନ୍ତି ତାକୁ ନେଇ ଅଭିଯୋଗ ଆଣିଛନ୍ତି। ଆଳି ବ୍ଲକ କଟକ କ୍ରେଡିଟ କୋ-ଅପରେଟିଭ୍ ସୋସାଇଟ୍ ବ୍ୟାଙ୍କ ଲିଃରେ ଥିବା କର୍ମଚାରୀ ରାକେଶ ରାୟ ମଧ୍ୟ ବିଜେଡି ନିର୍ବାଚନୀ ମଞ୍ଚରେ ଉପସ୍ଥିତ ରହି ପ୍ରାର୍ଥୀଙ୍କ ସପକ୍ଷରେ ଭାଷଣ ଦେବା ଓ ଭୋଟ ମାଗିବା ନେଇ ଅଭିଯୋଗ କରିଛନ୍ତି। ଏହାକୁ ନେଇ ଜିଲାପାଳଙ୍କୁ ଅଭିଯୋଗ କରିଛନ୍ତି। ଜିଲାପାଳ ଅଭିଯୋଗକୁ ଗୁରୁତର ସହ ନେଇ ଯଥାଶୀଘ୍ର ନ୍ୟାୟ ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଯଦି ନ୍ୟାୟ ନ ମିଳେ ତେବେ ନିର୍ବାଚନ କମିଶନଙ୍କ ନିକଟରେ ଫେରାଦ ହେବେ ବୋଲି କହିଥିଲେ। ଏହି ସମ୍ମିଳନୀରେ ଆଳି ନିର୍ବାଚନମଣ୍ଡଳୀ ଭାଜପା ପ୍ରଭାରୀ ମିହିର କୁମାର ସାମଲ, ଜିଲା ମହିଳା ମୋର୍ଚ୍ଚା ସମ୍ପାଦିକା ଲକ୍ଷ୍ମୀପ୍ରିୟା ଜେନା ଓ ଜିଲା ଯୁବମୋର୍ଚ୍ଚା ଉପସଭାପତି ସନ୍ତୋଷ କୁମାର କର ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଦଶପଲ୍ଲାରେ ବିଦ୍ୟୁତ୍ ବିଭ୍ରାଟ

ଦଶପଲ୍ଲା, ୬।୫ (ପ୍ରକାଶ କୁମାର ପାଣି)

ଦଶପଲ୍ଲା ଅଞ୍ଚଳରେ ଗତ କିଛିଦିନ ହେଲା ଘନ ଘନ ବିଦ୍ୟୁତ୍ ବିଭ୍ରାଟ ଯୋଗୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଚାଲିଥିବା ବେଳେ ଏପରି ବିଦ୍ୟୁତ୍ ବିଭ୍ରାଟ ଯୋଗୁ ଜନସାଧାରଣ ନାହିଁ ନ ଥିବାରୁ ହଇରାଣ ହେଉଛନ୍ତି । ଗତ ରବିବାର ରାତିରେ ପ୍ରାୟ ୪ ଘଣ୍ଟା ଧରି ବିଦ୍ୟୁତ୍ ଯୋଗାଣ ବନ୍ଦ ଯୋଗୁ ସମଗ୍ର ଅଚଳ ଅନ୍ଧାର ମଧ୍ୟରେ ବୁଡ଼ି ରହିଥିଲା। ପ୍ରବଳ ଗରମ ଯୋଗୁ ଲୋକମାନେ ରାତିରେ ଶୋଇ ପାରି ନ ଥିଲେ । ପ୍ରସିଦ୍ଧ ଲଙ୍କା ପୋଡ଼ି ଯାତ୍ରା ସମୟରେ ମଧ୍ୟ ଘନଘନ ବିଦ୍ୟୁତ୍ ବିଭ୍ରାଟ ଲାଗି ରହିଥିଲା ।

### ଝଡ଼ ତୋଫାନ ସହ ବର୍ଷା

ଦଶପଲ୍ଲା, ୬।୫ (ପ୍ରକାଶ କୁମାର ପାଣି)

ସୋମବାର ଦଶପଲ୍ଲା ଅଞ୍ଚଳରେ ଝଡ଼ ତୋଫାନ ସହ ବର୍ଷା ହେବା ଦ୍ୱାରା ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହରୁ କିଛି ମାତ୍ରାରେ ଆଶ୍ୱସ୍ତ ମିଳିଛି। ଅପରାହ୍ନରେ ଝଡ ତୋଫାନ ହେବା ସହ ର୍ଷା ହୋଇଥିଲା । ଝଡ଼ ତୋଫାନ ଯୋଗୁ ବିଭିନ୍ନ ସ୍ଥାନରେ ଗଛ ଡ଼ାଳ ଭାଙ୍ଗି ପଡିଛି । ବିଶେଷ କିଛି କ୍ଷୟକ୍ଷତିର ଖବର ମିଳିନାହିଁ । ବିଦ୍ୟୁତ୍ ଯୋଗାଣ ବାଧାପ୍ରାପ୍ତ ଯୋଗୁ ସମସ୍ୟା ସୃଷ୍ଟି ହୋଇଛି।

# କଂଗ୍ରେସ କ୍ଷମତାକୁ ଆସିଲେ ନୟାଗଡ଼ ଜିଲାର ଚିତ୍ର ବଦଳିବ



ଖବରଦାତା ସମ୍ମିଳନୀରେ କଂଗ୍ରେସର ରାଷ୍ଟ୍ରୀୟ ପ୍ରବକ୍ତା ପ୍ରଭାତ କୁମାର ଓ ଅନ୍ୟମାନେ।

ନୟାଗଡ଼,୬।୫ (ଲୋକନାଥ ମିଶ୍ର)

କଂଗ୍ରେସ କ୍ଷମତାକୁ ଆସିଲେ ନୟାଗଡ଼ ଜିଲାର ଚିତ୍ର ବଦଳିବ ବୋଲି ଦଳର ରାଷ୍ଟ୍ରୀୟ ପ୍ରବକ୍ତା ପ୍ରଭାତ କୁମାର କହିଛନ୍ତି। ସୋମବାର ନୟାଗଡ଼ ଜିଲା କଂଗ୍ରେସ କାର୍ଯ୍ୟାଳୟଠାରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଏଥିରେ ସେ କହିଛନ୍ତି , କଂଗ୍ରେସ କ୍ଷମତାକୁ ଆସିଲେ ନୟାଗଡ଼ ଜିଲାର ଚିତ୍ର ବଦଳିବ। ମୋଦି ସରକାର ବର୍ଷକୁ ୨କୋଟି ରୋଜଗାର ଗ୍ୟାରେଣ୍ଟି ଦେଇ ଶାସନକୁ ଆସିବା ପରେ ୧୦ବର୍ଷରେ ୨୦କୋଟି ରୋଜଗାର କୁଆଡେ ଗଲା ବୋଲି ପ୍ରଶ୍ନ କରିଥିଲେ। ମୋଦି ଗ୍ୟାରେଣ୍ଟି ଦେଶବାସୀଙ୍କୁ ଭୁଆଁ ବୁଲାଇବା ପାଇଁ ମିଛର ପାହାଡ଼ ବୋଲି ସେ ଅଭିହିତ କରିଥିଲେ। ମୋଦି ଗ୍ୟାରେଣ୍ଟି ହେଉଛି ପ୍ରତ୍ୟେକ ଭାରତୀୟଙ୍କୁ ୧୫ଲକ୍ଷ ଟଙ୍କା ବ୍ୟାଙ୍କ ଆକାଉଣ୍ଟକୁ ଆସିବାର ଗ୍ୟାରେଣ୍ଟି ଭଳି ଲୋଭନୀୟ ମିଛ ପ୍ରତିଶ୍ରୁତି । ମିଥ୍ୟା ପ୍ରତିଶ୍ରୁତି ଦେଇ ଭୋଟ ପାଇ ସରକାରକୁ ଆସିବା ପରେ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଅହେତୁକ ଦରଦାମ ବୃଦ୍ଧି କରି ଦେଶବାସୀଙ୍କୁ କଲବଲ କରି ଆସୁଛନ୍ତି। ସେହିପରି ନିର୍ବାଚନ ବଣ୍ଡ ମାଧ୍ୟମରେ ବିଭିନ୍ନ ପୁଞ୍ଜିପତିମାନଙ୍କଠାରୁ ପ୍ରାୟ ୧୨ହଜାର କୋଟି ଟଙ୍କା ଆଦାୟ କରି ଚାନ୍ଦା ଦିଅ କାମ ନିଅ ଭଳି ନୂଆ ନିୟମ ଲାଗୁ କରିଛନ୍ତି। ରାଜ୍ୟରେ ନବୀନ ସରକାର ମଧ୍ୟ ସେହି ଭଳି ରାଜ୍ୟର ଖଣି ଖାଦାନକୁ ପୁଞ୍ଜିପତିମାନଙ୍କ ହାତରେ ଟେକି ଦେଇ ୧୨ଶହ କୋଟି ଟଙ୍କାର ଚାନ୍ଦା ନେଇଥିବା ସେ ଅଭିଯୋଗ କରିଥିଲେ।

ଅନ୍ୟପକ୍ଷେ ନୟାଗଡ଼ରେ ୫ଲକ୍ଷ ଟନ ଆଖୁପେଡା ଦକ୍ଷତା ଥିବା ନୂଆ ଚିନିକଲ ସ୍ଥାପନ କରିବା ସହିତ ଦଶପଲ୍ଲାରେ ଏକ ଅତ୍ୟାଧୁନିକ କାଗଜ ଶିଳ୍ପ ସ୍ଥାପନା କରି ଜିଲା ବାହାରେ ରୋଜଗାର ପାଇଁ ଦାଦନ ଖଟୁଥିବା ଶ୍ରମିକଙ୍କୁ ଆମ ଭିଟାମାଟିକୁ ଫେରାଇ ଅଣାଯିବ। ଗଣିଆଠାରୁ ଭାପୁର ମଝିରେ ମହାନଦୀରେ ନୂତନ ନଦୀବନ୍ଧ ନିର୍ମାଣ କରାଯାଇ ସେ ଅଞ୍ଚଳକୁ ଶସ୍ୟଶ୍ୟାମଳ କରାଯିବ। ନୟାଗଡ଼ରେ ମେଡିକାଲ କଲେଜ ସ୍ଥାପନା ସହିତ ଚାନ୍ଦପୁର ବସନ୍ତମଞ୍ଜରୀ ସ୍ୱାସ୍ଥ୍ୟ ନିବାସକୁ ସୁପର ସ୍ପେଶାଲିଟିର ମାନ୍ୟତା ପ୍ରଦାନ ଏବଂ ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟର ମାନ୍ୟତା ଦିଆଯିବାର ବ୍ୟବସ୍ଥା ହେବ। ପୁଣି ନୟାଗଡ଼ ପ୍ରଜାମଣ୍ଡଳ ମହିଳା ମହାବିଦ୍ୟାଳୟକୁ ସରକାରୀ ଘୋଷଣା କରିବା କଂଗ୍ରେସର ଗ୍ୟାରେଣ୍ଟି ବୋଲି କହିଥିଲେ। କଂଗ୍ରେସର ପ୍ରତିଶ୍ରୁତିକୁ ଜିଲା ବ୍ୟାପୀ ପ୍ରତ୍ୟେକ ଘର ବୁଲି କଂଗ୍ରେସ ପ୍ରାର୍ଥୀମାନେ ଭୋଟରମାନଙ୍କୁ ବୁଝାଇବେ ବୋଲି କହିଥିଲେ। ରାଜ୍ୟରେ ବିଜେଡି–ଭାଜପାର ଭିତିରିଆ ମେଣ୍ଟ ଚାଲୁ ଥିବାରୁ କଂଗ୍ରେସ ଏହାର ଏକମାତ୍ର ବିକଳ୍ପ ବୋଲି ଜନସାଧାରଣଙ୍କୁ ବାର୍ତ୍ତା ଦେଇଥଲେ। ଏହି ଖବରଦାତା ସମ୍ମିଳନୀରେ ନୟାଗଡ଼ ନିର୍ବାଚନ ମଣ୍ଡଳୀ ପ୍ରାର୍ଥୀ ରଣଜିତ ଦାଶ, ଦଶପଲ୍ଲା ନିର୍ବାଚନମଣ୍ଡଳୀର ବିଧାୟକ ପ୍ରାର୍ଥୀ ପୂର୍ବତନ ସାଂସଦ ନକୁଳ ନାୟକ, ଖଣ୍ଡପଡ଼ା ବିଧାୟକ ପ୍ରାର୍ଥୀନୀ ବୈଜୟନ୍ତୀମାଳା ମହାନ୍ତି, ରଣପୁର ବିଧାୟକ ପ୍ରାର୍ଥୀ ବିଭୂ ପ୍ରସାଦ ମିଶ୍ର ପ୍ରମୁଖ ଯୋଗଦେଇଥିଲେ।

# ପ୍ରାର୍ଥିପତ୍ର ଦାଖଲ କଲେ ସାବିତ୍ରୀ



ଖଣ୍ଡପଡ଼ା ବିଜେଡି ବିଧାୟକ ପ୍ରାର୍ଥୀ ସାବିତ୍ରୀ ପ୍ରଧାନ ନାମାଙ୍କନପତ୍ର ଦାଖଲ କରୁଛନ୍ତି।

ନୟାଗଡ଼,୬।୫(ଲୋକନାଥ ମିଶ୍ର)

### ଓଭରବ୍ରିଜ୍ ନିକଟରେ ଅଟକିଲେ ୮ହଜାରରୁ ଉର୍ଦ୍ଧ୍ୱ ସମର୍ଥକ

ନୟାଗଡ଼ ଜିଲା ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀ ପାଇଁ ବିଜେଡିରୁ ସାବିତ୍ରୀ ପ୍ରଧାନ ସୋମବାର ରିଟର୍ଣ୍ଣି ଅଫିସର ଅତିରିକ୍ତ ଜିଲାପାଳଙ୍କ ନିକଟରେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁଙ୍କ ଏକ ବିରାଟ ଶୋଭାଯାତ୍ରାରେ ନାମାଙ୍କନ ଦାଖଲ ପାଇଁ ଆସିଥିଲେ । ଏହାଦେଖି ନୟାଗଡ଼ ଟାଉନ ଥାନା ପୋଲିସ ସାବିତ୍ରୀଙ୍କ ଶୋଭାଯାତ୍ରାକୁ ଛାଡି ନ ଥିଲା । ନୟାଗଡ଼ ଖଣ୍ଡପଡ଼ା ରାସ୍ତାର ବଲାଙ୍ଗୀବନ୍ଧ ନିକଟସ୍ଥ ଓଭରବ୍ରିଜ୍‌ଠାରେ ପୋଲିସ ଶୋଭାଯାତ୍ରାରେ ସାମିଲ କର୍ମୀମାନଙ୍କୁ ଅଟକାଇ ରଖିଥିଲା। ଅରୁଣଙ୍କ ଶୋଭାଯାତ୍ରା ଯିବା ପରେ ସାବିତ୍ରୀଙ୍କ ଶୋଭାଯାତ୍ରା ଯିବାକୁ ପୋଲିସ ଅନୁମତି ଦେଇଥିଲା । ସମୟ ଅଭାବ ଓ ପ୍ରାୟ ୧୦୦ ବସ ଟାଉନ ଭିତରକୁ ଯାଇ ନ ପାରିବାରୁ ଓଭରବ୍ରିଜ ନିକଟରେ ୮ ହଜାରରୁ ଉର୍ଦ୍ଧ୍ୱ କର୍ମୀ ଅଟକି ରହିଥିଲେ । ଶେଷରେ ସାବିତ୍ରୀ ନିଜ ସମର୍ଥକମାନଙ୍କୁ ନେଇ ଶୋଭାଯାତ୍ରାରେ ନୟାଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ନାମାଙ୍କନ ପତ୍ର ଦାଖଲ କରିଥିଲେ ।

ସାବିତ୍ରୀ ପ୍ରଥମେ ଫତେଗଡ଼ ରାମ ମନ୍ଦିର ପୂଜାର୍ଚ୍ଚନା କରିଥିଲେ । ପରେ ଶୋଭାଯାତ୍ରା ଭାପୁର ଓ ଖଣ୍ଡପଡ଼ା ବଜାର ଦେଇ ନୟାଗଡ଼ ବଲାଙ୍ଗୀ ବନ୍ଧଠାରେ ପହଞ୍ଚିଥିଲା । ଉକ୍ତ ଶୋଭାଯାତ୍ରାରେ କଟକ ଏମ୍‌ପି ପ୍ରାର୍ଥୀ ସନ୍ତୃପ୍ତ ମିଶ୍ର, ନୟାଗଡ ଜିଲା ପରିଷଦ ସଭାପତି ଦେବାଶିଷ ପଟ୍ଟନାୟକ, ଖଣ୍ଡପଡ଼ା ବ୍ଲକ ଉପାଧ୍ୟକ୍ଷ ଶିଶିର ସାହୁ, ଖଣ୍ଡପଡ଼ା ବ୍ଲକ ବିଜେଡି ସଭାପତି ମିନତୀ ସାହୁ, ଖଣ୍ଡପଡ଼ା ବ୍ଲକ ଅଧ୍ୟକ୍ଷା ଉପମା ବେହେରା, ଭାପୁର ବ୍ଲକ ବିଜେଡି ସଭାପତି ଶିବ ପ୍ରସାଦ ଷଡ଼ଙ୍ଗୀ,ଖଣ୍ଡପଡା ବ୍ଲକ ସଭାପତି ସୁଶାନ୍ତ କୁମାର ମିଶ୍ର, ପର୍ଯ୍ୟବେକ୍ଷକ ଅମିତ କୁମାର ମଲିକ, ଭାପୁର ବ୍ଲକ୍ ଯୁବ ସଭାପତି ସନ୍ତୋଷ ପାଲଟା ସିଂ, ଛାତ୍ର ସଭାପତି ସତ୍ୟବ୍ରତ ମହାରଣା, ଖଣ୍ଡପଡ଼ା ବ୍ଲକ୍ ଯୁବ ସଭାପତି ମନୋରଞ୍ଜନ ବେହେରା ଓ ଛାତ୍ର ସଭାପତି ବିକ୍ରମ ପ୍ରଧାନ ପ୍ରମୁଖ ସାମଲ ହୋଇ ଥିଲେ।

# କାଳ ବୈଶାଖୀରେ ପ୍ରବଳ ବର୍ଷା, ଉଡ଼ାଇ ନେଲା ଛପର

ଓଡ଼ଗାଁ,୬।୫(ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ଅଞ୍ଚଳରେ କାଳବୈଶାଖୀ,ପବନ, ବର୍ଷା ଓ କୁଆପଥର ମାଡ଼ ହୋଇଛି । ଏଥିପାଇଁ ବିଭିନ୍ନ ସ୍ଥାନରେ ଟାଳ ଛପର ଉଡିଯାଇଥିବା ବେଳେ ବହୁ ପରିବାର ବାସହରା ହୋଇପଡିଛନ୍ତି। ଅନ୍ୟ କେତେକ ସ୍ଥାନରେ ଗଛ ଭାଙ୍ଗି ପଡ଼ିବା ସହିତ ଡାଳ ଛିଣ୍ଡି ରାସ୍ତାରେ ଏଣେ ତେଣେ ପଡ଼ିଛି । କୁଆପଥର ମାଡ଼ ଯୋଗୁ ଖରାଦିନିଆ ଫସଲ ନଷ୍ଟ ହୋଇଛି । ଫଳରେ ଚାଷୀମାନେ ଚିନ୍ତାରେ ପଡିଛନ୍ତି । ରବିଗାଡିଆ ପଞ୍ଚାୟତ ମଦନମୋହନପୁର ଖରିଆସାହିରେ ରହୁଥିବା ଜହ୍ନ ନାହାକଙ୍କ ଛପର ଉଡ଼ି ଯିବାରୁ ଘରେ ବର୍ଷା ପାଣି ଭରି ରହିଛି । ଚୁଲିରେ ପାଣି ପଶିଯିବାରୁ ପରିବାର ଲୋକେ ଉପାସରରେ ରହିଛନ୍ତି । ଘରେ ଜମିଥିବା ବର୍ଷା ପାଣିରେ ବାସନକୁସନ ଭାସୁଥିବା ଦେଖିବାକୁ ମିଳିଛି଼ ସ୍ୱାମୀ ଆନନ୍ଦ ନାହାକ ପରଲୋକ ପରେ ଜହ୍ନ ଏକା ସେହି ଘରେ ପିଲାମାନଙ୍କ ସହ ରହୁଥିଲେ। ଖବର ପାଇ ଓଡ଼ଗାଁ ତହସିଲଦାର ଡ.ମାନସ ରଞ୍ଜନ ଭୋଇ ଜହ୍ନଙ୍କ ପାଖକୁ ପଲିଥିନ ପଠାଇବାର ବନ୍ଦୋବସ୍ତ କରିଥିବା ସୂଚନା ମିଳିଛି।



କାଳବୈଶାଖୀ ପ୍ରଭାବରେ କ୍ଷତିଗ୍ରସ୍ତ ହୋଇଥିବା ଘର।

# ବିଧାୟକଙ୍କ ପଞ୍ଚାୟତ ଲୋକେ ଭାଜପାରେ ସାମିଲ



ଭାଜପାରେ ସାମିଲ ହୋଇଥିବା ପଞ୍ଚାୟତ ଲୋକେ।

ରଣପୁର,୬।୫(ସୁକାନ୍ତ କିଶୋର ଡାକୁଆ)

ନିର୍ବାଚନ ତାରିଖ ଯେତିକି ପାଖେଇ ଆସୁଛି ଦଳ ବଦଳ ବଢ଼ିଛି। ରଣପୁର ନିର୍ବାଚନମଣ୍ଡଳୀର ବହୁ ନେତା ଓ କର୍ମୀ ବିଜେଡି ଛାଡି ଭାଜପାରେ ଯୋଗଦାନ କରିଛନ୍ତି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ରଣପୁର ନିର୍ବାଚନମଣ୍ଡଳୀର ବିଧାୟକ ସତ୍ୟନାରାୟଣ ପ୍ରଧାନଙ୍କ ନିଜ ଗ୍ରାମ ମଗରବନ୍ଧ ପଞ୍ଚାୟତ ବିଟଳଗାଡ଼ିଆ ଗ୍ରାମର ବହୁ ଲୋକ ରବିବାର ରାତିରେ ଭାଜପାରେ ଯୋଗଦେଇଛନ୍ତି। ସେମାନେ ଭାଜପା ପ୍ରାର୍ଥୀ ସୁରମା ପାଢ଼ୀଙ୍କ ଉପସ୍ଥିତିରେ ଦଳରେ ସାମିଲ ହୋଇଛନ୍ତି।

ଉତ୍କଳ ଭାକେଶ୍ୱରୀ ଯୁବକ ସଂଘର ସଭାପତି ଅଜିତ ଦାସ, ଉପ ସଭାପତି ଗୋବର୍ଦ୍ଧନ ପ୍ରଧାନ, ସମ୍ପାଦକ ଦେବାଶିଷ ବେହେରା, ପ୍ରଶାନ୍ତ ପ୍ରଧାନ, ଲକ୍ଷ୍ମୀଧର ନାୟକ, ଅନିଲ ପ୍ରଧାନ ପ୍ରମୁଖ ୫୦ରୁ ଉର୍ଦ୍ଧ୍ୱ ଯୁବକର୍ମୀ ବିଜେଡି ଛାଡ଼ି ଭାଜପାରେ ଯୋଗଦାନ କରିଛନ୍ତି। ବିଜେଡି ବିଧାୟକ ପ୍ରାର୍ଥୀ ପ୍ରଧାନଙ୍କ ମନୋମୁଖୀ କାର୍ଯ୍ୟରେ ଅସନ୍ତୋଷ ପ୍ରକାଶ କରି ସେମାନେ ଦଳ ଛାଡିଛନ୍ତି ବୋଲି କହିଛନ୍ତି। ସେହିପରି ସୋମବାର ରଣପୁର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ରଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦର ୱାର୍ଡ ନଂ.୧୩ ଓ ୧୪ରେ ଭାଜପା ପୁରୀ ଲୋକସଭା ପ୍ରାର୍ଥୀ ସମ୍ବିତ ପାତ୍ର ଏବଂ ରଣପୁର ବିଧାନସଭା ପ୍ରାର୍ଥୀ ସୁରମା ପାଢୀଙ୍କ ଉପସ୍ଥିତିରେ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସିମିଳି ଠାକୁରାଣୀଙ୍କ ମନ୍ଦିରରେ ଉପରୋକ୍ତ ୨ ୱାର୍ଡରେ କର୍ମୀ ସମ୍ମଳନୀ ଅନୁଷ୍ଠିତ ଥିଲା। ଏହି କର୍ମୀ ସମ୍ମିଳନୀରେ ୫ଶହରୁ ଉର୍ଦ୍ଧ୍ୱ କର୍ମୀ ଯୋଗ ଦେଇଥିଲେ। କେତେଜଣ ବିଜେଡି କର୍ମୀ ଭାଜପାରେ ସାମିଲ ହୋଇଥିଲେ।

# ବଜ୍ରପାତରେ ଜଳିଗଲା ୪ ବଖରା

ନୟାଗଡ଼, ୬।୫ (ଲୋକନାଥ ମିଶ୍ର)

### ୫ ଲକ୍ଷ ଟଙ୍କାର ସାମଗ୍ରୀ ନଷ୍ଟ

ନୟାଗଡ଼ ଜିଲା ଓଡ଼ଗାଁ ତହସିଲ ଗୋଡିପଡ଼ା ଆରଆଇ ଅଫିସ ଅଧୀନ କୁରୁଡଙ୍ଗ ଗାଁରେ ସୋମବାର ଅପରାହ୍ନରେ ବଜ୍ରପାତରୁ ଅଗ୍ନିକାଣ୍ଡ ଘଟି ୩ ପରିବାରର ୪ ବଖରା ଘର ଜଳି ଯାଇଛି । ଅଗ୍ନିକାଣ୍ଡରେ ୫ଲକ୍ଷ ଟଙ୍କାର ସାମଗ୍ରୀ ପୋଡ଼ି ଯାଇଛି । ସୋମବାର ଅପରାହ୍ନ ପ୍ରାୟ ୧.୪୫ରେ କାର୍ତ୍ତିକ ବିଶୋଇଙ୍କ ବାରିପଟ ନଡ଼ିଆ ଗଛରେ ବଜ୍ରପାତ ହୋଇଥିଲା । ଏଥିରେ ନଡ଼ିଆ ଗଛ ଜଳିଯିବା ସହ କାର୍ତ୍ତିକଙ୍କ ୨ ବଖରା ଟାଳ ଛପର ଘର ପୋଡ଼ିଯାଇଥିଲା। ପରେ ସେହି ନିଆଁ ପଡ଼ୋଶୀ ମେଘନାଦ ବିଶୋଇ ଓ ବୀରବର ବିଶୋଇଙ୍କ ଟାଳକୁ ଡେଇଁ ଅନୁରୂପ ଭାବେ ୧ବଖରା ଲେଖାଏଁ ୨ବଖରା ଜଳି ଯାଇଛି । ଟାଳ ଘରେ ମାଟି ଆଟୁ ନ ଥିବାରୁ ପିନ୍ଧିବା ଲୁଗାକୁ ଛାଡିଦେଲେ ୩ ପରିବାରର ଚାଉଳ, ମୁଗ ସମେତ ଘର ଉପକରଣ ପୋଡ଼ି ଯାଇଛି । ଓଡ଼ଗାଁ ଓ ନୟାଗଡ଼ରୁ ଦମକଳ କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ କରିଥିଲେ । ଅଗ୍ନି ବିପନ୍ନ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି।



ବଜ୍ରପାତରେ ପୋଡ଼ିଯାଇଥିବା ଘର।

## ଆଜି ରାବଣ ପୋଡ଼ି ଉତ୍ସବ

ରଣପୁର,୬।୫ (ସୁକାନ୍ତ କିଶୋର ଡାକୁଆ)

ମଙ୍ଗଳବାର ରଣପୁର (ନୂଆଗାଁ)ରେ ରଘୁନାଥ ଜୀଉ ଯୁବକ ସଂଘ ତରଫରୁ ରାବଣ ପୋଡ଼ି ଅନୁଷ୍ଠିତ ହେବ । ଏଥିପାଇଁ ୫୫ ଉଚ୍ଚର ଏକ ରାବଣ ପ୍ରତିମା ନିର୍ମାଣ କରାଯାଇଛି। ଚଳିତ ବର୍ଷ ଶ୍ରୀରାମ ନବମୀ ଠାରୁ ମହାଡମ୍ବରରେ ରାମଲୀଲା ଅନୁଷ୍ଠିତ ହୋଇଆସୁଥିଲା। ମଙ୍ଗଳବାର ମହାପ୍ରଭୁଙ୍କ ସମସ୍ତ ନୀତିକାନ୍ତି ସରିବା ପରେ ସନ୍ଧ୍ୟା ଆଳତୀ,ବନ୍ଦାପନା ପରେ ରାମ ରାବଣ ଯୁଦ୍ଧ ଅନୁଷ୍ଠିତ ହେବ। ରାବଣ ବଧ ପରେ ରାବଣ ପୋଡ଼ି ଅଭିମୁଖେ ବିରାଟ ପଟୁଆର ବିଜେ କରିବେ। ଏହି ସମୟରେ ବିଭିନ୍ନ ପ୍ରକାରର ଆତସବାଜି ପ୍ରଦର୍ଶନ ଅନୁଷ୍ଠିତ ହେବ। ଭଜନ ସମାରୋହ, ଦଣ୍ଡ ଖେଳ, ବନାଟି ଖେଳ ଆଦି ପରିବେଷଣ କରାଯିବ। ସଂଘ ତରଫରୁ ଏଥିପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ବୁଧବାର ନଗର ଭ୍ରମଣ ପରେ କଳସ ବିସର୍ଜନ ଓ ଶ୍ରୀରାମଙ୍କ ରାଜ୍ୟଭିଷେକ ନୀତି ଅନୁଷ୍ଠିତ ହେବ । ଏଥିପାଇଁ ସ୍ଥାନୀୟ ଚଞ୍ଚଳ ଚଳଚଞ୍ଚଳ ହୋଇଉଠିଛି।

# ସ୍ୱାଧୀନ ପ୍ରାର୍ଥୀଙ୍କ କର୍ମୀ ସମ୍ମିଳନୀ

ଖଣ୍ଡପଡ଼ା,୬।୫
(ଅଜୟ କୁମସର ମହାରଣା)

ବିଜେଡି ଟିକେଟରୁ ବଞ୍ଚିତ ହେବା ପରେ ପୂର୍ବତନ ବିଜେଡି ବିଧାୟକ ଅନୁଭବ ପଟ୍ଟନାୟକ ଏବେ ସ୍ୱାଧୀନ ପ୍ରାର୍ଥୀ ଭାବେ ଖଣ୍ଡପଡା ବିଧାନସଭା କ୍ଷେତ୍ରରୁ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି । ଆଗାମୀ ଦିନରେ ରଣନୀତି ପ୍ରସ୍ତୁତ କରିବା ଲକ୍ଷ୍ୟରେ ଖଣ୍ଡପଡ଼ା ଅରୁଣ ନିବାସରେ ପୂର୍ବତନ ବିଧାୟକ ପଟ୍ଟନାୟକଙ୍କ ଆବାହକତ୍ୱରେ ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀରେ ବିଭିନ୍ନ ପଞ୍ଚାୟତରୁ ଜନପ୍ରତିନିଧି, ସଙ୍ଗଠକ ଓ କର୍ମୀମାନେ ଯୋଗଦେଇଥିଲେ। ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ବିଭିନ୍ନ ପ୍ରସଙ୍ଗକୁ ନେଇ ବୈଠକରେ ଆଲୋଚନା ହେବା ସହ ରଣନୀତି ସ୍ଥିର ହୋଇଥିଲା। ସଙ୍ଗଠକ ଓ କର୍ମୀମାନେ ଦୃଢ ମନୋବଳ ନେଇ କାର୍ଯ୍ୟ କରିବାକୁ ଅନୁଭବ ଆହ୍ୱାନ ଦେଇଥିଲେ। ବୈଠକରେ ସାଂସଦଙ୍କ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିଆରସିଂହ, ବରିଷ୍ଠ ବିଜେଡି ନେତା ଅଖିଳ କୁମାର ମହାରଣା, ପୂର୍ବତନ ସରପଞ୍ଚ ନବକିଶୋର ସାହୁ, ଶରତ ଚନ୍ଦ୍ର ସାହୁ, ସର୍ବେଶ୍ୱର ସ୍ୱାଇଁ, ପୂର୍ବତନ ଜିଲା ପରିଷଦ ସଭ୍ୟ ରମାକାନ୍ତ ସେଠୀଙ୍କ ସମେତ ଶତାଧିକ ସମର୍ଥକ ଉପସ୍ଥିତ ଥିଲେ।



କର୍ମୀ ସମ୍ମିଳନୀରେ ସ୍ୱାଧୀନ ପ୍ରାର୍ଥୀ ଅନୁଭବ ପଟ୍ଟନାୟକ ଓ ତାଙ୍କ ସମର୍ଥକ।

## ଓଡ଼ଗାଁରେ ଈଶ୍ୱରାତ୍ମା ଦିବସ ପାଳିତ

ଓଡ଼ଗାଁ,୬।୫ (ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ଜିଲା ଓଡ଼ଗାଁରେ ପ୍ରତିଷ୍ଠିତ ଶ୍ରୀ ସତ୍ୟସାଇ ଆଧ୍ୟାତ୍ମିକ ଶିକ୍ଷା ଓ ସେବା କେନ୍ଦ୍ର ଆନୁକୂଲ୍ୟରେ ଈଶ୍ୱରାତ୍ମା ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ପ୍ରାତଃ ଓଁକାର, ସୁପ୍ରଭାତମ, ନଗରସଂକୀର୍ତ୍ତନ ସହିତ ପୂଜାର୍ଚ୍ଚନା କରାଯାଇଥିଲା । ସନ୍ଧ୍ୟାରେ ବାଲବିକାଶ ଛାତ୍ରୀଙ୍କ ସନ୍ତାନ ସାଇ ପ୍ରସାଦ ସାହୁଙ୍କ ସମେତ ଅନ୍ୟ ସାଇ ଆଶ୍ରିତଙ୍କ ଦ୍ୱାରା ପୁନଃ ଓଁକାର, ଅଷ୍ଟୋତ୍ତର ସହିତ ପୁରାତନ ବାଲବିକାଶ ଛାତ୍ରୀ ମାମୁନି ଭଞ୍ଜ ଆରତୀ ପ୍ରଦାନ କରିଥିଲେ । ସ୍ଥାନୀୟ ଆଦର୍ଶ ଥାନା ଅଧିକାରୀ ରଶ୍ମୀରଞ୍ଜନ ସାହୁ ବାବାଙ୍କ ଆଳତୀ ପୂର୍ବରୁ ଈଶ୍ୱରଆତ୍ମା ଓ ଭଗବାନ ଶ୍ରୀସତ୍ୟସାଇ ବାବାଙ୍କ ଆଧ୍ୟାତ୍ମିକ ଓ ସେବା ମାର୍ଗ ସମ୍ପର୍କରେ ସମସ୍ତଙ୍କୁ ବକ୍ତବ୍ୟ ପ୍ରଦାନ କରିଥିଲେ। ସମସ୍ତ ପ୍ରାଣୀଙ୍କ ନିମନ୍ତେ ମା'ହିଁ ଜଣେ ପ୍ରମୁଖ ମାର୍ଗଦର୍ଶକ ବୋଲି କହିଥିଲେ । ସେବା କେନ୍ଦ୍ର ଅଧ୍ୟକ୍ଷ ଆଦର୍ଶ କୁମାର ପଟ୍ଟନାୟକ, ଆଧ୍ୟାତ୍ମିକ ସଂଯୋଜକ କିଶୋର ଚନ୍ଦ୍ର ସାହୁ, ଯୁବ ସଂଯୋଜକ ଚନ୍ଦନ କୁମାର ପାତ୍ର, ସେବା ସଂଯୋଜକ ପ୍ରସନ୍ନ ଭଟ, ଚକ୍ରଧର ନାୟକ, ମମତା ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ବିଜୟ କୁମାର ଦାଶ ଓ ହେମନ୍ତ ହୋତା ଭଜନ ଓ ପୂଜା କାର୍ଯ୍ୟ ସଂଯୋଜନା କରିଥିଲେ।

# ସୂର୍ପଣଖାର ନାସା କର୍ଣ୍ଣ ଛେଦନ, ସୀତାଚୋରି

### କଣ୍ଟିଲୋ ରାମଲୀଳା

ଖଣ୍ଡପଡ଼ା,୬।୫(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ୍ ଅଧୀନ କଣ୍ଟିଲୋ କୃଷ୍ଣେଶ୍ୱର ପାଟଣା (ଥୋଡିଆ ସାହି) ରଘୁନାଥ ଜୀଉ ରାମଲୀଳା ନାଟ୍ୟ ସମିତି ପକ୍ଷରୁ ଚାଲିଥିବା ରାମଲୀଳାର ରବିବାର ଥିଲା ୩ୟ ରଜନୀ। ସେଦିନ ମଞ୍ଚସ୍ଥ ହୋଇଥିଲା 'ସୂର୍ପଣଖାର ନାସାକର୍ଣ୍ଣ ଛେଦନ ଓ ସୀତାଚୋରି'। ସଂସାରରୁ ଦୃଷ୍ଟମାନଙ୍କ ବିନାଶ ନିମନ୍ତେ ଭଗବାନ ବିଭିନ୍ନ ସମୟରେ ଅବତାର ଗ୍ରହଣ କରିଥାଆନ୍ତି । ମାୟାବିନୀ ସୂର୍ପଣଖା ରାମଚନ୍ଦ୍ରଙ୍କୁ ବିବାହ ଲକ୍ଷ୍ୟରେ ପ୍ରଲୋଭିତ କରିଥିବା ବେଳେ ରାମଚନ୍ଦ୍ର ଅନୁଜ ଲକ୍ଷ୍ମଣଙ୍କ ନିକଟକୁ ତାଙ୍କୁ ପ୍ରେରିତ କରିଥିଲେ। ଲକ୍ଷ୍ମଣ ଭାଇଙ୍କ ନିର୍ଦ୍ଦେଶରେ ସୂର୍ପଣଖାଙ୍କ ନାସାକର୍ଣ୍ଣକୁ ଛେଦନ କରିଥିଲେ। ଏହି ଦୁଃଖଦ ଖବର ଲଙ୍କେଶ ରାବଣ ପାଇବା ପରେ ପରବର୍ତ୍ତୀ ସମୟରେ ମାରିଚଙ୍କୁ ରାମଙ୍କ ନିକଟକୁ ପ୍ରେରଣ କରିଥିଲେ। ମାରିଚ ଭୂମିକାରେ ବିନୋଦ କୁମାର ମହାରଣା ସୁବର୍ଣ୍ଣର ମାୟାମୃଗ ହୋଇ ରାମଚନ୍ଦ୍ରଙ୍କ କୁଟୀର ସମ୍ମୁଖରେ ବିଚରଣ କରୁଥିବା ସୀତା ଦେଖି ଆକୃଷ୍ଟ ହୋଇଥିଲେ। ସୀତାଙ୍କ ଅନୁରୋଧ କ୍ରମେ ରାମଚନ୍ଦ୍ର ମାୟା ମୃଗର ପିଛାକରି ସର ନିକ୍ଷେପ କରିଥିଲେ । ମାରିଚ ମରିବା ପୂର୍ବରୁ ତ୍ରାହି ଲକ୍ଷ୍ମଣ ଶବ୍ଦ ଉଚ୍ଚାରଣ କରିବା ଓ ଜାନକୀଙ୍କ ବାଧ୍ୟତା ଦୃଷ୍ଟିରୁ ରାମଙ୍କ ନିକଟକୁ ଯିବାରେ ମାୟାବୀ ରାବଣ ଜତି ବେଶରେ ସୀତାଙ୍କୁ ଭିକ୍ଷା ମାଗି ତାଙ୍କୁ ଚୋରାଇ ନେବା ଦୃଶ୍ୟ ଖୁବ ଆକର୍ଷଣୀୟ ହୋଇଥିଲା । ପରେ ହନୁମାନ ସୀତାଙ୍କୁ ଠାବ କରିବାକୁ ଯାଇ ରାବଣର ସ୍ୱର୍ଣ୍ଣ ଲଙ୍କା ଦହନ ଦୃଶ୍ୟକୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଦର୍ଶକମାନେ ଉପଭୋଗ କରିଥିଲେ । କଳାକାର ରାମ, ଲକ୍ଷ୍ମଣ, ସୀତା ଭୂମିକାରେ ଯଥାକ୍ରମେ ସନ୍ଦୀପ, ରାଜା, ଚନ୍ଦନ ଅଭିନୟ କରିଥିବା ବେଳେ ରାବଣ, ଜତି ରାବଣ, ସୂର୍ପଣଖା, ଜଟାୟୁ, ମାୟାମୃଗ ଭୂମିକାରେ ପ୍ରଦୀପ ମହାରଣା, ଟୁନା ବିଶ୍ୱାଳ, ନିଲୁ ମହାରଣା, ବିନୋଦ ମହାରଣା, ଅନ୍ତର୍ଯ୍ୟାମୀ ବାରିକ ପ୍ରମୁଖ ଅଭିନୟ କରିଥିଲେ । ରାମଲୀଳା ୪ର୍ଥ ରାତ୍ରୀର ମଞ୍ଚସ୍ଥ ନାଟକ ହନୁମାନଙ୍କ ସହ ଭେଟ ଠାରୁ ବାଳୀ ସୁଗ୍ରୀ ଲଢେଇ ପରିବେଷଣ କରାଯିବ ବୋଲି ଆୟୋଜକଙ୍କ ଠାରୁ ସୂଚନା ମିଳିଛି।



ରାବଣ ସୀତାଙ୍କୁ ଚୋରି କରି ନେଉଛନ୍ତି ।

# ୬ ବନ୍ୟା ଆଶ୍ରୟସ୍ଥଳ ଅଧାପନ୍ତରିଆ

## ୨ ଠିକାଦାରଙ୍କୁ କାରଣ ଦର୍ଶାଅ ନୋଟିସ

ଯାଜପୁର,୬।୫(ହର୍ଷବର୍ଦ୍ଧନ ବେହେରା)

ଯାଜପୁର ଜିଲା ଦେଇ ପ୍ରବାହିତ ନଦୀଗୁଡ଼ିକର ତଟବର୍ତ୍ତୀ ଅଞ୍ଚଳବାସୀଙ୍କ ସୁରକ୍ଷା ପାଇଁ ବହୁମୁଖୀ ବନ୍ୟା ଆଶ୍ରୟସ୍ଥଳ ନିର୍ମାଣ ସମ୍ପୂର୍ଣ୍ଣ ହୋଇପାରିନାହିଁ। ଆଗକୁ କିଛି ସପ୍ତାହ ପରେ ଆସୁଛି ବର୍ଷା ଦିନ। ଏଭଳି ସ୍ଥଳେ ଠିକାଦାରମାନଙ୍କ ଦ୍ୱାରା ନିର୍ମାଣ ଚାଲିଥିବା ୬ଟି ବନ୍ୟା ଆଶ୍ରୟସ୍ଥଳ ଅଧାପନ୍ତରିଆ ହୋଇପଡ଼ିଛି। ଏଥିପାଇଁ ଜିଲା ପ୍ରଶାସନ ଏବଂ ଠିକାଦାରମାନଙ୍କ ଅବହେଳାକୁ ଦାୟୀ କରାଯାଉଛି। ଏଭଳିସ୍ଥଳେ ଯାଜପୁର ଗ୍ରାମ୍ୟ ନିର୍ମାଣ ବିଭାଗ ପକ୍ଷରୁ ନିର୍ମାଣ ଦାୟିତ୍ୱରେ ଥିବା ୨ଜଣ ପ୍ରଥମ ଶ୍ରେଣୀ ଠିକାଦାରଙ୍କୁ କାରଣ ଦର୍ଶାଅ ନୋଟିସ ଜାରି ହୋଇଛି। ଜିଲାରେ ଜୁନ୍ ୧ରେ ନିର୍ବାଚନ ହେବାକୁ ଯାଉଛି। ଇତିମଧ୍ୟରେ କାଳବୈଶାଖୀ ପ୍ରଭାବରେ ବଡ଼ଧରଣର ଝଡ଼ବର୍ଷା ହେଲେ ଲୋକେ ଗୁରୁତର ଭାବେ ପ୍ରଭାବିତ ହେବା ଆଶଙ୍କା ରହିଛି। ତେଣୁ ଏହା ନିର୍ବାଚନ ଫଳାଫଳକୁ ପ୍ରଭାବିତ କରିପାରେ ବୋଲି ଚର୍ଚ୍ଚା ହେଉଛି।

ଜିଲାରେ ଗତ ୨୫ ବର୍ଷରେ ନିୟମିତ ବ୍ୟବଧାନରେ ୬ଟି ବଡ଼ ବନ୍ୟା ଲୋକଙ୍କ ମେରୁଦଣ୍ଡକୁ ଦୋହଲାଇ ଦେଇଛି। ବନ୍ୟା ସମୟରେ ବିପନ୍ନମାନେ ଘରଦ୍ୱାର ଛାଡ଼ି ବନ୍ଧହିଡ଼ରେ ଆଶ୍ରୟ ନେଉଥିବା ଦେଖିବାକୁ ମିଳିଥାଏ। ତେଣୁ ବନ୍ୟା ସମୟରେ ଦୁର୍ଗତମାନଙ୍କୁ ସୁରକ୍ଷିତ ଭାବେ ଥଇଥାନ କରିବାକୁ ବହୁ କୋଟି ଟଙ୍କା ଖର୍ଚ୍ଚ କରାଯାଇ ବନ୍ୟା ଆଶ୍ରୟସ୍ଥଳ ନିର୍ମାଣ କରାଯାଉଛି। କିନ୍ତୁ ଠିକାଦାରମାନଙ୍କ ଆନ୍ତରିକତାର ଅଭାବ ଏବଂ ଲାଭଖୋର ମନୋବୃତ୍ତି ଯୋଗୁ ନିର୍ମାଣ କାର୍ଯ୍ୟ ନିର୍ଦ୍ଧାରିତ ସମୟରେ ଶେଷ ହେଉନାହିଁ। ଗ୍ରାମ୍ୟ ନିର୍ମାଣ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ୨୦୨୦-୨୧ରେ ଯମୁନା ହାଇସ୍କୁଲ ପରିସରରେ ଏବଂ ରସୁଲପୁର ହରିଜନ ସାହିରେ ୩୦୦୦ ବର୍ଗଫୁଟ ବିଶିଷ୍ଟ ୨ ବନ୍ୟା ଆଶ୍ରୟସ୍ଥଳ ନିର୍ମାଣ ପାଇଁ ଠିକାଦାର ନିରାକାର ସାମଲଙ୍କ ସହିତ ଚୁକ୍ତି ହୋଇଥିଲା। ଏହି ପ୍ରକଳ୍ପ ୨୯।୬।୨୦୨୧ରେ ଆରମ୍ଭ ହୋଇ ୨୮।୯।୨୦୨୨ରେ ସମ୍ପୂର୍ଣ୍ଣ କରିବାକୁ ଧାର୍ଯ୍ୟ କରାଯାଇଥିଲା। ହେଲେ ଏହାର ୩୪ ମାସ ଅତିକ୍ରାନ୍ତ ହୋଇ ସାରିଥିଲେ ହେଁ ଉକ୍ତ ପ୍ରକଳ୍ପଦ୍ୱୟ ଅଧାପନ୍ତରିଆ ହୋଇ ପଡ଼ିରହିଛି। ସେହିପରି ବିସିଜେ ହାଇସ୍କୁଲ ପରିସରରେ ଠିକାଦାର ହରେକୃଷ୍ଣ ଧଳଙ୍କ ଦ୍ୱାରା ନିର୍ମାଣାଧୀନ ବନ୍ୟା ଆଶ୍ରୟସ୍ଥଳ ୨୮।୫।୨୦୨୨ ସୁଦ୍ଧା ଶେଷ ହେବାକୁ ଧାର୍ଯ୍ୟ ହୋଇଥିଲା। ଏହା ମଧ୍ୟ ସମ୍ପୂର୍ଣ୍ଣ ହୋଇପାରିଲା ନାହିଁ। ଜୟଚଣ୍ଡୀ ହାଇସ୍କୁଲ ପରିସରରେ ନିର୍ମାଣାଧୀନ ବନ୍ୟା ଆଶ୍ରୟସ୍ଥଳ ଭୂଇଁରୁ ଉଠି ପାରିନାହିଁ। ଏହି ପ୍ରକଳ୍ପ ୨୯।୬।୨୦୨୧ରେ ଆରମ୍ଭ ହୋଇ ୨୮।୫।୨୦୨୨ରେ ସାରିବାକୁ ଧାର୍ଯ୍ୟ ହୋଇଛି। ଅନୁରୂପ ଭାବେ ଶ୍ରୀବନ୍ତ ହାଇସ୍କୁଲ ଏବଂ କେ.ସି. ହାଇସ୍କୁଲ ପରିସରରେ ନିର୍ମାଣାଧୀନ ବନ୍ୟା ଆଶ୍ରୟସ୍ଥଳର ଧାର୍ଯ୍ୟ ସମୟସୀମାକୁ ୩୩ ମାସ ଅତିକ୍ରାନ୍ତ ହୋଇସାରିଥିଲେ ହେଁ ସେଗୁଡ଼ିକ ଅଧାପନ୍ତରିଆ ହୋଇରହିଛି। ସଂପୃକ୍ତ ଠିକାଦାର ଏବଂ ଦାୟିତ୍ୱରେ ଥିବା ଯନ୍ତ୍ରୀଙ୍କ ଖାମଖିଆଲ ମନୋଭାବ ଯୋଗୁ ଉପରୋକ୍ତ ପ୍ରକଳ୍ପଗୁଡ଼ିକ ଚଳିତବର୍ଷ ସମ୍ଭାବ୍ୟ ବନ୍ୟାଦାଉରୁ ଲୋକଙ୍କୁ ସୁରକ୍ଷା ଦେଇପାରିବ ନାହିଁ ବୋଲି ମତପ୍ରକାଶ ପାଇଛି। ତେବେ ଠିକାଦାରମାନଙ୍କୁ ଯାଜପୁର ଗ୍ରାମ୍ୟ ନିର୍ମାଣ ବିଭାଜନ ପକ୍ଷରୁ କେବଳ କାରଣଦର୍ଶାଅ ନୋଟିସ ଜାରି କରି ନିଜର ଦାୟିତ୍ୱ ସମ୍ପାଦନ କରାଯାଉଥିବା ଅଭିଯୋଗ ହେଉଛି।

ବନ୍ୟା ନିୟନ୍ତ୍ରଣ ପାଇଁ ସମନ୍ୱିତ ନଦୀ ପରିଚାଳନା ଯୋଜନା, ବ୍ୟାରେଜ ନିର୍ମାଣ ସରକାରୀ ପ୍ରତିଶ୍ରୁତିରେ ଅଟକିଛି। ବୈତରଣୀ ନଦୀର ଦକ୍ଷିଣ ପାର୍ଶ୍ୱ ଏବଂ ବ୍ରାହ୍ମଣୀ, ଖରସ୍ରୋତା ଓ ବୁଢ଼ା ନଦୀର ବାମପାର୍ଶ୍ୱ, ବିରୂପା ନଦୀର ଦକ୍ଷିଣପାର୍ଶ୍ୱରେ ସମୁଦାୟ ପ୍ରାୟ ୨୧୦ କି.ମି. ବନ୍ଧ ଓ ଅପରପାର୍ଶ୍ୱରେ ୧୮୦ କି.ମି. ବନ୍ଧ ନିର୍ମାଣ ହୋଇଛି। କିନ୍ତୁ ଏହି ନଦୀବନ୍ଧଗୁଡ଼ିକରେ ଯେଭଳି ଘାଇ ନ ହେବ, ସେଥିପ୍ରତି ସ୍ଥାୟୀ ପ୍ରତିକାର ହୋଇ ପାରିଲା ନାହିଁ। ୨୦୨୦ ଅଗଷ୍ଟରେ ଶେଷଥର ପାଇଁ ଏକ ବଡ଼ ଧରଣର ବନ୍ୟା ଆସିଥିଲା। ଏହି ବନ୍ୟାରେ ଜିଲାରେ ୨୫ଟି ଛୋଟବଡ଼ ଘାଇ ସୃଷ୍ଟି ହୋଇଥିଲା। ଏଥିରେ ପ୍ରାୟ ୧୦ ଲକ୍ଷ ଲୋକ ପ୍ରଭାବିତ ହୋଇଥିଲାବେଳେ ୧୨ ଜଣ ଲୋକଙ୍କ ଜୀବନ ଯାଇଥିଲା। ସେହି ସମୟରେ ଆବଶ୍ୟକ ବନ୍ୟା ଆଶ୍ରୟସ୍ଥଳ ଅଭାବରୁ ବହୁ ପରିବାର ବନ୍ଧହିଡ଼ରେ ବିପଦସଙ୍କୁଳ ଅବସ୍ଥାରେ ଜୀବନ ଅତିବାହିତ କରିଥିବା ଦେଖିବାକୁ ମିଳିଥିଲା। ଏହିକ୍ରମରେ ସରକାର ବନ୍ୟା ବିପ୍ରାତ ଅଞ୍ଚଳରେ ଆଶ୍ରୟସ୍ଥଳ ନିର୍ମାଣ ଉପରେ ଗୁରୁତ୍ୱାରୋପ କରିଥିଲେ।


ଜୟଚଣ୍ଡୀ ହାଇସ୍କୁଲ ପରିସରରେ ନିର୍ମାଣାଧୀନ ବନ୍ୟା ଆଶ୍ରୟସ୍ଥଳ ଭୂଇଁରୁ ଉଠି ପାରିନାହିଁ।

ସେଲ୍ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ଜଗନ୍ନାଥ


@ କୁନାଲ


@ ମୋଜାଫର


@ ପ୍ରଶାନ୍ତ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ପିକ୍ଅପ୍ ଭ୍ୟାନ୍ ଚକା ତଳେ ଚାପିହୋଇ ଶ୍ରମିକ ମୃତ


ଶ୍ରମିକଙ୍କ ମୃତ୍ୟୁକୁ ନେଇ କ୍ଷତିପୂରଣ ଦାବିରେ କଲେଜ ଛକଠାରେ ରାସ୍ତାରୋକୋ।

- କ୍ଷତି ପୂରଣ ଦାବିରେ ଟାୟାର ଜାଳି ରାସ୍ତାରୋକୋ
- ଜମ୍ବୁ-ମାର୍ଶାଘାଇ ରାସ୍ତା ନିର୍ମାଣ ବେଳେ ଦୁର୍ଘଟଣା

ମହାକାଳପଡ଼ା, ୬।୫(ପ୍ରତାପ ଚନ୍ଦ୍ର ସ୍ୱାଇଁ)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ଥାନା ଜମ୍ବୁ-ମାର୍ଶାଘାଇ ମୁଖ୍ୟ କେନାଲ ରାସ୍ତା ସମ୍ପ୍ରସାରଣ ଚାଲିଥିବା ବେଳେ ପିକ୍ଅପ୍ ଭ୍ୟାନ୍ ଚକା ତଳେ ରବିବାର ରାତିରେ ଚାପି ହୋଇ ସ୍ଥାନୀୟ ନନ୍ତାର ଗାଁର ଶ୍ରମିକ ଅଞ୍ଜନ ମଲିକ (୪୨)ଙ୍କ ମୃତ୍ୟୁ ଘଟିଛି। ଏ ନେଇ ସୋମବାର ତାଙ୍କ ସ୍ତ୍ରୀ ଛବି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

ଜମ୍ବୁ-ମାର୍ଶାଘାଇ ମୁଖ୍ୟ କେନାଲ ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ଏକ ଠିକା ସଂସ୍ଥା ଦାୟିତ୍ୱ ନେଇଛି। ରାତିରେ ରାସ୍ତା ନିର୍ମାଣ ଚାଲୁଥିବା ବେଳେ ପିକ୍ଅପ୍ ଭ୍ୟାନ୍ ଚାଳକ ଗାଡ଼ି ପଛେଇ ପଛେଇ ନେବା ବେଳେ ଶ୍ରମିକ ଅଞ୍ଜନଙ୍କ ଉପରେ ଚକା ଚଢ଼ିଯିବାରୁ ସେ ଚାପି ହୋଇଯାଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ମହାକାଳପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଠିକା ସଂସ୍ଥାର କର୍ମଚାରୀ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଅଞ୍ଜନଙ୍କୁ ମୃତ ଘୋଷଣା କରିଥିଲେ। ଏହା ପ୍ରଚାରିତ ହେବା ପରେ ମୃତ ଶ୍ରମିକଙ୍କ ପରିବାର ଓ ସମ୍ପର୍କୀୟମାନେ ସୋମବାର ସକାଳେ କଲେଜ ଛକଠାରେ କ୍ଷତି ପୂରଣ ଦାବିରେ ଟାୟାର ଜାଳି ରାସ୍ତାରୋକୋ କରିଥିଲେ। ଖବରପାଇ ଆଇଆଇସି ବିମଳ କୁମାର ମଲିକ ଓ ପୋଲିସ ଟିମ୍ ପହଞ୍ଚି ଥିଲେ। ରାସ୍ତା ନିର୍ମାଣକାରୀ ସଂସ୍ଥାର କର୍ତ୍ତୃପକ୍ଷ ଓ ସ୍ଥାନୀୟ ଲୋକ ପ୍ରତିନିଧିଙ୍କ ଉପସ୍ଥିତିରେ କ୍ଷତିପୂରଣ ନେଇ ବିଚାର ହୋଇଥିଲା। ପରେ ମୃତ ଶ୍ରମିକଙ୍କ ପରିବାରକୁ ୫ଲକ୍ଷ ଟଙ୍କା ସହାୟତା, ଜଣକୁ ନିଯୁକ୍ତି, ମୃତଦେହ ବ୍ୟବଚ୍ଛେଦ, କ୍ରିୟା କର୍ମ ପାଇଁ ଅର୍ଥ ପ୍ରଦାନ କରାଯିବା ପରେ ରାସ୍ତାରୋକୋ ହଟିଥିଲା। ଅଭିଯୋଗକୁ ଭିତ୍ତିକରି ପୋଲିସ ନଂ. ୧୦୧/୨୪ରେ ମାମଲା ରୁଜୁ କରିବା ସହ ମୃତଦେହ ବ୍ୟବଚ୍ଛେଦ ଲାଗି କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ହଷ୍ଟେଲ୍‌ରେ ଛାତ୍ରଙ୍କୁ ହତ୍ୟା ଅଭିଯୋଗ

ଜଗତ୍‌ସିଂହପୁର,୬।୫
(ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ସହର ଲାଲାସାହିସ୍ଥିତ ଶ୍ରୀ ସାଇ ଆବାକସ୍ ଏକାଡେମୀ ହଷ୍ଟେଲ୍‌ରେ ଅଘଟଣ ଘଟିଛି। ବିରିଡ଼ି ଥାନା ଗୋପୀନାଥପୁର ଗ୍ରାମର ବିଶ୍ୱଭୂଷଣ ସ୍ୱାଇଁ (୧୫) ନାମକ ଜଣେ ୧୦ମ ଶ୍ରେଣୀ ଛାତ୍ରଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ସେ ହଷ୍ଟେଲ୍‌ରେ ରହୁଥିବା କୋଠରିରେ ବେକରେ ବେଡଶିଟ୍ ବାନ୍ଧି ସିଲିଂ ଫ୍ୟାନ୍‌ରେ ଝୁଲି ଆତ୍ମହତ୍ୟା କରିଥିବା କୁହାଯାଉଛି। କିନ୍ତୁ ତାଙ୍କୁ ଚକ୍ରାନ୍ତ କରି ମାରି ଦିଆଯାଇଥିବା ସୋମବାର ଅଭିଯୋଗ ହୋଇଛି। ବିଶ୍ୱଭୂଷଣଙ୍କ ବାପା ବିଭୂତି ଭୂଷଣ ସ୍ୱାଇଁଙ୍କ ଅଭିଯୋଗ ଆଧାରରେ ଜଗତ୍‌ସିଂହପୁର ଥାନାରେ ମାମଲା (ନଂ.୪୨୦/୨୪) ରୁଜୁ ହେବା ସହ ତଦନ୍ତ ଜାରିରହିଛି।

ବିଶ୍ୱଭୂଷଣ ସ୍ଥାନୀୟ ଗାନ୍ଧୀଛକ ନିକଟ ଏକ ଘରୋଇ ଶିକ୍ଷାନୁଷ୍ଠାନରେ ୧୦ମ ଶ୍ରେଣୀରେ ପଢୁଥିଲେ। କିନ୍ତୁ ଶ୍ରୀ ସାଇ ଆବାକସ୍ ଏକାଡେମୀ ହଷ୍ଟେଲ୍‌ରେ ପାଖାପାଖି ୮ ମାସ ହେବ ରହୁଥିଲେ। ୩ ତାଲାବିଶିଷ୍ଟ ବିଲ୍ଡିଂର ତଳ ମହଲାରେ କୋଚିଂ ଦିଆଯାଏ। ପ୍ରଥମ ଓ ଦ୍ୱିତୀୟ ମହଲା ହଷ୍ଟେଲ ଭାବେ ବ୍ୟବହାର ହୁଏ। ପ୍ରଥମ ମହଲାରେ ଝିଅ ଓ ଦ୍ୱିତୀୟ ମହଲାରେ ପୁଅମାନେ ରହୁଥିଲେ। ପୁଅମାନେ ରହୁଥିବା ହଷ୍ଟେଲ୍‌ର ପ୍ରତି କୋଠରିରେ ୨ ଜଣ ହିସାବରେ ରହୁଥିଲେ। ଯେହେତୁ ପ୍ରବଳ ଗରମ ହେଉଛି ତେଣୁ ଛାତ୍ରମାନେ ରାତିରେ ଶୋଇବା ପାଇଁ ତଳ ମହଲା ଡର୍ମିଟୋରୀକୁ ପଳାଇ ଆସୁଥିଲେ। ସେଠାରେ ତଳେ ଶୋଉଥିଲେ। ପୁଣି ସକାଳ ହେଲେ ସେମାନେ ନିଜ ନିଜ କୋଠରିକୁ ଚାଲିଯାଉଥିଲେ। ଗତ ରବିବାର ରାତି ପ୍ରାୟ ୮ଟା ୩୦ରେ ବିଭୂତି ହଷ୍ଟେଲରେ ପହଞ୍ଚି ପୁଅ ବିଶ୍ୱଭୂଷଣଙ୍କୁ ମନଦେଇ ପଢ଼ାପଢ଼ି କରିବାକୁ ତାଗିଦ କରିଥିଲେ। ଏଥିସହ ଜଳଖିଆ ମଧ୍ୟ ଖାଇବାକୁ ଦେଇଥିଲେ। ଏ ସମ୍ପର୍କରେ ବିଭୂତି କହିଛନ୍ତି, ସୋମବାର ସକାଳେ ତାଙ୍କ ପାଖକୁ ଏକାଡେମୀରୁ ଏକ ଫୋନ ଆସିଥିଲା। ବିଶ୍ୱଭୂଷଣ ଗୁରୁତର ଅଛନ୍ତି, ତୁରନ୍ତ ଆସନ୍ତୁ ବୋଲି କୁହାଯାଇଥିଲା। ଏହାପରେ ସେ ଏକାଡେମୀରେ ପହଞ୍ଚିଲା ପରେ ପୁଅ ଖଟରେ ମୃତ ଅବସ୍ଥାରେ ଥିବା ଦେଖିଥିଲେ। ଯଦି ପୁଅ ଆତ୍ମହତ୍ୟା କରି ଦେଇଥିଲେ, ତେବେ ପ୍ରଥମେ ତାଙ୍କୁ ଏବଂ ପୋଲିସକୁ ଖବର ଦିଆଯିବା କଥା। ପୋଲିସ ଉପସ୍ଥିତିରେ ବେକରୁ ବେଡଶିଟ୍ ଖୋଲାଯିବା କଥା। କିନ୍ତୁ ତାହା ହୋଇନାହିଁ। ଅନ୍ୟପଟେ ପୁଅ ରାତିରେ ଏକୁଟିଆ ରହିଥିବାବେଳେ ଏକାଡେମୀ କର୍ତ୍ତୃପକ୍ଷ କ'ଣ କରୁଥିଲେ ବୋଲି ସେ ପ୍ରଶ୍ନ କରିଛନ୍ତି। ଯେହେତୁ ତଦାରଖ ଦାୟିତ୍ୱ ହଷ୍ଟେଲ୍ କର୍ତ୍ତୃପକ୍ଷଙ୍କର ତେଣୁ ପୁଅର ମୃତ୍ୟୁ ପାଇଁ ଏକାଡେମୀ ଦାୟୀ ବୋଲି ବିଭୂତି ଅଭିଯୋଗରେ ଦର୍ଶାଇଛନ୍ତି। ଏ ସମ୍ପର୍କରେ ଆଇଆଇସି ଗୋକୁଳ ରଞ୍ଜନ ଦାଶଙ୍କୁ ପଚାରିବାରୁ, ସୋମବାର ସକାଳ ୮ଟାରେ ବିଭୂତି ଥାନାରେ ଅଭିଯୋଗ କଲାପରେ ତଦନ୍ତ ଆରମ୍ଭ ହୋଇଛି। ସାଇଣ୍ଟିଫିକ୍ ଟିମ୍, ବିଶେଷଜ୍ଞ ଦଳ ଓ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ଅନୁଧ୍ୟାନ କରିଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ରିପୋର୍ଟ ଆସିଲା ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଆଇଆଇସି କହିଛନ୍ତି।


ବିଶ୍ୱଭୂଷଣ ସ୍ୱାଇଁ

# ସାପ କାମୁଡ଼ାରେ ଚାଷୀଙ୍କ ମୃତ୍ୟୁ

ଆଳି,୬।୫(ବନମାଳୀ ସେନାପତି)

ଆଳି ଥାନା ବାଳକାଟି ପଞ୍ଚାୟତ ରାଣୀପୋଖରୀ ଗ୍ରାମର ନିଗମ ରଞ୍ଜନ ଦାସଙ୍କ ସାପ କାମୁଡାରେ ମୃତ୍ୟୁ ଘଟିଛି। ସୋମବାର ସକାଳେ ନିଗମ ନିଜ ବାଡ଼ିରେ କାମ କରୁଥିବା ବେଳେ ତାଙ୍କୁ ଏକ ବିଷଧର ସାପ କାମୁଡି ଦେଇଥିଲା। ସାପ କାମୁଡିଦେବା ପରେ ସେ ନିଜେ ଘରେ ସାପ କାମୁଡି ଦେଇଥିବା କହି ବାଇକ୍ ନେଇ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଥିଲେ। ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତରମାନେ ଚିକିତ୍ସା କରିଥିବା ବେଳେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ଅମୃତିଆରୁ ଚୋରି: ବନ୍ଧୁକ ଜବତ, ୨ ମାମଲା ରୁଜୁ


ପୋଲିସ ତଦନ୍ତ ବେଳେ ଜବତ ହୋଇଥିବା ବନ୍ଧୁକ।

ପାଣିକୋଇଲି,୬।୫(ବିକାଶ ମଲ୍ଲିକ):

ପାଣିକୋଇଲି ଥାନା ଅମୃତିଆ ଗ୍ରାମରେ ରବିବାର ରାତିରେ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଗ୍ରାମର ନୀଳମଣି ସାହୁଙ୍କ ଘରେ ଦୁର୍ବୃତ୍ତ ପଶି ତାଙ୍କ କବାଟ ଓ ଆଲମିରା ଭାଙ୍ଗି ଘରେ ଥିବା ୨୩ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ସହ ସୁନା କାନ ଫୁଲ ଓ ମୁଦି ଚୋରି କରିଥିବା ନିଳମଣି ଅଭିଯୋଗରେ ଦର୍ଶାଇଛନ୍ତି। ପୋଲିସ ସାଇଣ୍ଟିଫିକ ଟିମ ଓ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ ଆରମ୍ଭ କରିଛି। ତଦନ୍ତବେଳେ ପୋଲିସ ଦୁର୍ବୃତ୍ତ ସେଠାରେ ଛାଡ଼ିଯାଇଥିବା ଥବା ଏକ ବନ୍ଧୁକଙ୍କୁ ଜବତ କରିଛି। ଚୋରି ସ୍ଥାନରେ ବନ୍ଧୁକ ଦେଖି ଗ୍ରାମବାସୀ ଆତଙ୍କିତ ହୋଇ ପଡ଼ିଛନ୍ତି। ଅନ୍ୟପକ୍ଷରେ ଉକ୍ତ ବନ୍ଧୁକ ସେହି ଗ୍ରାମର କେଦାର ମହାପାତ୍ରଙ୍କ ବୋଲି ସେ ପହଞ୍ଚି କହିଛନ୍ତି। ଏଥିସହିତ ତାଙ୍କ ଘରେ ମାଙ୍କଡ ମାରିବାକୁ ଥିବା ବନ୍ଧୁକଟି କେହି ଚୋରି କରିଥିବା ସେ ଥାନାରେ ଅଭିଯୋଗ କରିଛନ୍ତି। ଥାନାଧିକାରୀ ଲିଜାରାଣୀ ବିଶ୍ୱାଳ ଓ ଏସ୍ଆଇ ପ୍ରକାଶ କୁମାର ପ୍ରଧାନ ସଦଳବଳ ପହଞ୍ଚି ତଦନ୍ତ ଜାରିରଖିଥିବା ବେଳେ ସନ୍ଧାନୀ କୁକୁର କେଦାରଙ୍କ ଘରେ ପହଞ୍ଚିବାରୁ ସନ୍ଦେହ ଘନିଭୂତ ହୋଇଛି। ପୋଲିସ ନୀଳମଣି ଓ କେଦାରଙ୍କ ଅଭିଯୋଗକୁ ଗ୍ରହଣ କରି ୨ଟି ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

# ଜଳସ୍ତର କମି ୧୫ ଫୁଟ୍ ଜାଗାରେ ୬୫ ଫୁଟ୍ ହେଲାଣି

ପଟ୍ଟାମୁଣ୍ଡାଇ, ୬।୫ (କଳ୍ପତରୁ ନାୟକ)

- ପଟ୍ଟାମୁଣ୍ଡାଇ ସହରାଞ୍ଚଳରେ ପାନୀୟ ଜଳ ସମସ୍ୟା ଉତ୍କଟ
- ପିଇବା ପାଣି ପାଇଁ ଲୋକେ ତହଲବିକଳ
- ଓଭରହେଡ୍ ଟାଙ୍କି କାମରେ ଆସୁନାହିଁ

ଅସହ୍ୟ ତାତି ସାଙ୍ଗକୁ ପାଣି ସମସ୍ୟା ଲୋକଙ୍କ ଚିନ୍ତା ବଢ଼ାଇଛି। ସ୍ଥିତ ଏମିତି ଯେ ସବୁଠି ପାଣି ପାଇଁ ହାହାକାର ସ୍ଥିତି ଉପୁଜିଲାଣି। କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ପୌରାଞ୍ଚଳରେ କେଉଁଠି ପାଇପ ଜଳ ଯୋଗାଣ ଫେଲ୍ ମାରିଛି ତ ଆଉ କେଉଁଠାରେ ଓଭରହେଡ୍ ଟାଙ୍କି କାମରେ ଆସୁନି। ଏଠାରେ ଜଳସ୍ତର କମି ୧୫ ଫୁଟ୍ ଜାଗାରେ ୬୫ ଫୁଟ୍‌ରେ ପହଞ୍ଚିଲାଣି। ସରକାରୀ ତହବିଲରୁ ଲୋକମାନଙ୍କ ପାଇଁ ବିଭାଗ ୫୪ କୋଟି ଟଙ୍କା ଖର୍ଚ୍ଚ କରି ପାଣି ବିଶୋଧନ ପ୍ଲାଣ୍ଟ କରିଥିଲା। ପାଣି ବିଶୋଧନ ପ୍ଲାଣ୍ଟ ଥାଇ ବି ପାନୀୟ ଜଳ ପାଇଁ ଲୋକେ ତହଲବିକଳ ହେଉଛନ୍ତି। ଗତ ନିର୍ବାଚନରେ ସହରର ୪୦ ହଜାର ଲୋକଙ୍କୁ ସ୍ୱଚ୍ଛ ପାନୀୟ ଜଳ ଦେବାକୁ ନେତା, ମନ୍ତ୍ରୀମାନେ ଭାଷଣବାଜି କରି ଭୋଟ ନେଇଥିଲେ। ମାତ୍ର ଆଜି ପର୍ଯ୍ୟନ୍ତ ଏହାର ସମାଧାନ ହୋଇ ନ ଥିବାବେଳେ ଚଳିତ ନିର୍ବାଚନରେ ଲୋକେ ଏହାର ଜବାବ ଦେବେ ବୋଲି ଚର୍ଚ୍ଚା ଜୋର ଧରିଛି।

ପଟ୍ଟାମୁଣ୍ଡାଇ ସହରାଞ୍ଚଳବାସୀଙ୍କୁ ପାଇପ ଯୋଗେ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବାକୁ ରାଜ୍ୟ ସରକାର ୫୪ କୋଟି ବ୍ୟୟ ବରାଦରେ ବ୍ରାହ୍ମଣୀ ନଦୀରୁ ଜଳ ଉତ୍ତୋଳନ କରି ଅଳଭାଠାରେ ବୃହତ ପାନୀୟଜଳ ପ୍ରକଳ୍ପ ମାଧ୍ୟମରେ ଜଳ ବିଶୋଧନ ପ୍ଲାଣ୍ଟ କରାଯାଇଛି। ୨୦୧୯ ସେପ୍ଟେମ୍ବର ୨୯ରେ ତତ୍କାଳୀନ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା ଏହି ପ୍ଲାଣ୍ଟକୁ ଉଦ୍‌ଘାଟନ କରିଥିଲେ। ତେବେ ସାଢେ ୪ବର୍ଷ ବିତିଯାଇଥିବା ବେଳେ ବୃହତ ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇଥିଲେ ବି ଜଳ ଯୋଗାଣ ଠିକ୍ ଭାବେ ହୋଇପାରିନାହିଁ କି ସମସ୍ତଙ୍କ ନିକଟରେ ପିଇବା ପାଣି ପହଞ୍ଚି ପାରିନାହିଁ। ନିର୍ମିତ ପାନୀୟ ଜଳ ପ୍ରକଳ୍ପର ବିଶୁଦ୍ଧ ପାଣି ରଖିବାକୁ ଅଳଭା, ଦକ୍ଷିଣଦିଆ, ବକ୍ତାରପୁର, ବାଲିପଡ଼ା ଓ ବୃନ୍ଦିଅଠାରେ ୪ଟି ଓଭର ହେଡ ଟାଙ୍କି ମଧ୍ୟ କରାଯାଇଛି। ପାନୀୟ ଜଳ ଯୋଗାଣ ପାଇଁ ପାଇପ୍‌ଲାଇନ ମଧ୍ୟ ବିଛାଯାଇଛି। ସବୁ ଲୋକଙ୍କୁ ପାନୀୟ ଜଳ ଯୋଗାଇ ଦେବାକୁ ପାଇପ ବିଛା ଯାଇଥିଲେ ମଧ୍ୟ ଲୋକେ ପାଣି ପାଇବାରୁ ବଞ୍ଚିତ ହେଉଛନ୍ତି। କୋଟିକୋଟି ଟଙ୍କା ଖର୍ଚ୍ଚ ପରେ ବି ଲୋକେ ଲମ୍ବା ଲାଇନ ଲଗାଇ ପୌର ପରିଷଦ ପାଣି ଗାଡ଼ିରୁ ପିଇବା ପାଣି ସଂଗ୍ରହ କରୁଛନ୍ତି। ଅନ୍ୟପକ୍ଷରେ ବିଛାଯାଇଥିବା ପାଇପ୍ ଠିକ୍ ଢଙ୍ଗରେ ହୋଇ ନ ଥିବାରୁ ଅଧିକାଂଶ ସମୟରେ ଏହା ଫାଟି ଯାଉଛି। ବହୁ ସ୍ଥାନରେ ଲୁହା ପାଇପ ପରିବର୍ତ୍ତେ ପିଭିସି ପାଇପ ଲଗାଯାଇଛି। ଫଳରେ ପିଭିସି ପାଇପ ଫାଟି ପାନୀୟ ଜଳ ନଷ୍ଟ ହେଉଛି। ବୃହତ ପାନୀୟ ଜଳ ପ୍ରକଳ୍ପ ବନ୍ଦ ରହୁଛି। ବାରମ୍ବାର ପାଇପଗୁଡ଼ିକ ଫାଟୁଥିବାରୁ ମାଟି ଓ କାଦୁଅ ପାଇପ ମଧ୍ୟରେ ପ୍ରବେଶ କରୁଛି। ଯାହାଦ୍ୱାରା ଟ୍ୟାପଗୁଡ଼ିକରୁ ଦୁର୍ଗନ୍ଧ ଯୁକ୍ତ ପାଣି ବାହାରୁଛି। ବାସ୍ତବରେ ପାଣି ବିଶୋଧନ ପ୍ଲାଣ୍ଟ ମଧ୍ୟରେ ପାଣିକୁ ବିଶୋଧନ ଓ ପାଣିର ମାନ ପରୀକ୍ଷା କରା ନ ଯାଇ ପାଇପରେ ଛଡ଼ା ଯାଉଛି। ଫଳରେ ଦୁର୍ଗନ୍ଧଯୁକ୍ତ ପାଣି ବାହାରୁଥିବା ଗୁରୁତର ଅଭିଯୋଗ ହୋଇଛି। ଏହି ଦୁର୍ଗନ୍ଧଯୁକ୍ତ ପାଣି ପାନୀୟ ଉପଯୋଗୀ ହୋଇ ନ ଥିବାବେଳେ ବିଭିନ୍ନ ସଂକ୍ରାମକ ରୋଗର ମାଧ୍ୟମ ହେଉଛି। ବିଶୋଧନ ଦାୟିତ୍ୱରେ ଥିବା ଠିକା ସଂସ୍ଥା ପାଣିକୁ ବିଶୋଧନ କରୁ ନ ଥିବା କାରଣରୁ ଏଭଳି ସମସ୍ୟା ଉପୁଜୁଥିବା ନେଇ ଜନସାଧାରଣ ଅଭିଯୋଗ କରିଛନ୍ତି। ସହରାଞ୍ଚଳବାସୀଙ୍କୁ ବିଶୁଦ୍ଧ ପାନୀୟଜଳ ଯୋଗାଇ ଦେବାକୁ ଅଳଭାଠାରେ ସ୍ଥାପନ କରାଯାଇଥିବା ପାଣି ବିଶୋଧନ ପ୍ଲାଣ୍ଟକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ କରାଇବାକୁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ଜନସ୍ୱାସ୍ଥ୍ୟ ବିଭାଗ ସହକାରୀ ଯନ୍ତ୍ରୀ ସୁଦାମ ଚରଣ ସାହୁଙ୍କୁ ପଚାରିବାରେ ଏବେ ପଟ୍ଟାମୁଣ୍ଡାଇ ସହରାଞ୍ଚଳରେ ଜଳଉତ୍ସଗୁଡ଼ିକ ଶୁଖିଲା ପଡିଥିବାରୁ ସାଧାରଣତଃ ସବୁ କାର୍ଯ୍ୟରେ ପାଇପପାଣି ମୋଟର ଲଗାଇ ବ୍ୟବହାର କରାଯାଉଛି। ପ୍ଲାଣ୍ଟ ୧୩ ଲକ୍ଷ ଲିଟର ପାଣି ଯୋଗାଉଥିବା ବେଳେ ସହରାଞ୍ଚଳରେ ୭୦ ଲକ୍ଷ ଲିଟର ପାଣି ଆବଶ୍ୟକ ପଡୁଛି। ବାକି ପାଣି ବିଭିନ୍ନ ଜାଗାରେ ଥିବା ମୋଟର ଦ୍ୱାରା ଯୋଗାଇ ଦିଆଯାଉଛି। ଲୋକେ ଘର କାର୍ଯ୍ୟଠାରୁ ବଗିଚାରେ ପାଣିଦେବା ପର୍ଯ୍ୟନ୍ତ ମୋଟର ଲଗାଇ ଏହି ପାଣି ବ୍ୟବହାର କରୁଛନ୍ତି। ଫଳରେ ତଳ ମୁଣ୍ଡକୁ ପାଣି ପହଞ୍ଚି ପାରୁନାହିଁ। ବହୁ ବର୍ଷ ପୂର୍ବରୁ ପିଭିସି ପାଇପ ପଡ଼ିଥିବାରୁ ରାସ୍ତାକାମ ହୋଇ ସେଗୁଡ଼ିକ ୮ ଫୁଟ ତଳକୁ ଚାଲିଗଲାଣି। ଯେଉଁ ପାଇପ ଫାଟୁଛି ତାହା ମରାମତି ପୂର୍ବରୁ ସେଥିରେ ଗୋଳିଆ ପାଣି ଆସୁଛି। ଅନ୍ୟପକ୍ଷରେ ଜଳସ୍ତର କମି ୧୫ ଫୁଟ୍ ଜାଗାରେ ୬୫ ଫୁଟ୍ ହେଲାଣି। ସାଧାରଣତଃ ସହରାଞ୍ଚଳର ବହୁଳ ମୋଟର ବ୍ୟବହାର ଯୋଗୁ ତଳ ମୁଣ୍ଡକୁ ପାଣି ପହଞ୍ଚି ପାରୁନାହିଁ। ଟ୍ୟାଙ୍କର ଯୋଗେ ସବୁ ଜାଗାରେ ପାଣି ପହଞ୍ଚାଉଛୁ ବୋଲି ସେ କହିଛନ୍ତି।


ଅଳଭାରେ ଥିବା ବୃହତ୍ ପାନୀୟଜଳ ପ୍ରକଳ୍ପ।

# ଇଟାଭାଟି ବଢ଼ାଇଛି ଚିନ୍ତା

ନୂଆଗାଁ, ୬।୫ (ଧନେଶ୍ୱର ସାହୁ)



ନୟାଗଡ଼ ବନଖଣ୍ଡ ମହିପୁର ବନାଞ୍ଚଳ ନୂଆଗାଁ ତହସିଲ କାର୍ଯ୍ୟାଳୟ ଅଧୀନ ବିଭିନ୍ନ ସ୍ଥାନରେ ମାଟି ଇଟାଭାଟି ସ୍ଥାନୀୟ ଲୋକଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ଖରାଦିନେ ମାଟି ଇଟା ତିଆରି ସହ ସୁବିଧାରେ ପୋଡ଼ି ହୁଏ। ହେଲେ ଏଥିଯୋଗୁ ଗ୍ରୀଷ୍ମ ପ୍ରବାହ ସହିତ ଭାଟିର ତାତି ଜନଜୀବନକୁ ଅସ୍ତବ୍ୟସ୍ତ କରିଥାଏ। ଖରା ଦିନେ ଇଟା ପୋଡିବା ଯୋଗୁଁ ଜଙ୍ଗଲ ନଷ୍ଟ ହୁଏ। ଇଟା ଭାଟି ଧୂଆଁରେ ପରିବେଶ ପ୍ରଦୂଷିତ ହୋଇଥାଏ। ଏଥିରେ ଇଟା ଭାଟି ମାଲିକ, ବନ ବିଭାଗ ଓ ରାଜସ୍ୱ ବିଭାଗ ଅଧିକାରୀମାନେ ଲାଭବାନ ହୋଇଥାଆନ୍ତି। ହେଲେ ତାହା ସ୍ଥାନୀୟ ଲୋକଙ୍କ ପାଇଁ ସମସ୍ୟା ସୃଷ୍ଟି କରୁଥିବା ଅଭିଯୋଗ ହୋଇଛି।

ପ୍ରଖର ଗ୍ରୀଷ୍ମ ପ୍ରବାହ ଓ ପରିବେଶ ପ୍ରଦୂଷଣର ମୁଖ୍ୟ କାରଣ ହେଉଛି ଜଙ୍ଗଲ କ୍ଷୟ । ଆଧୁନିକତାକୁ ଆପଣାଇବା ପାଇଁ ଜଙ୍ଗଲକୁ ନଷ୍ଟ କରି ଦିଆଯାଉଛି । କିଛି ଜଙ୍ଗଲ ସରକାରଙ୍କ ଅନୁମୋଦନକ୍ରମେ ନଷ୍ଟ କରାଯାଉଥିବା ବେଳେ ଅନେକ

## ତାତି ବଢୁଛି, ଜଙ୍ଗଲ ନଷ୍ଟ ସହ ପରିବେଶ ପ୍ରଦୂଷଣ

ଜଙ୍ଗଲ ସୁରକ୍ଷା ଅଭାବରୁ ନଷ୍ଟ ହେଉଛି । ଉଜୁଡା ଜଙ୍ଗଲରେ ନୂତନ ଚାରା ଲଗାଇ ଜଙ୍ଗଲ ସୃଷ୍ଟି କରିବା ପାଇଁ ସରକାର ବହୁ ଅର୍ଥ ବ୍ୟୟ କରୁଥିଲେ ମଧ୍ୟ ଆଶାନୁରୂପ ଭାବେ ସୁଫଳ ମିଳୁନାହିଁ । ଗୋଟିଏ ପଟେ ଜଙ୍ଗଲ ଅବକ୍ଷୟର ବୃଦ୍ଧି ଅନ୍ୟପଟେ ନୂତନ ଜଙ୍ଗଲ ସୃଷ୍ଟିରେ ଶିଥିଳତା ପରିବେଶ ସନ୍ତୁଳନ କ୍ଷେତ୍ରରେ ବଡ ସମସ୍ୟା ସୃଷ୍ଟି କରିଛି। ମାଟି ଇଟା ପୋଡ଼ିବା ପାଇଁ ଜଙ୍ଗଲରୁ ଗଛ କଟାଯାଉଛି। ଏଥିପାଇଁ ପରିବେଶ ପ୍ରଦୂଷିତ ହେବା ସହିତ ତାତି ବଢୁଛି। ପରିବେଶକୁ ଦୃଷ୍ଟିରେ ରଖି ସରକାର ମାଟି ଇଟା ପୋଡ଼ିବା ଉପରେ ରୋକ୍ ଲଗାଇଛନ୍ତି। ହେଲେ କେତେଜଣ ଅସାଧୁ ସରକାରୀ କର୍ମଚାରୀଙ୍କ ଯୋଗୁ ସେହି ନିର୍ଦ୍ଦେଶ କାର୍ଯ୍ୟକାରୀ ହେଉ ପାରୁନାହିଁ । ନୂଆଗାଁ ତହସିଲ କାର୍ଯ୍ୟାଳୟ ତଥା ମହିପୁର ବନାଞ୍ଚଳ ଅଧୀନ ଆଛୁପଡା,ବାଲଣ୍ଡା,ମହିତମା,ସୁରୁକାବାଡ଼ି ଭଳି ଅନେକ ସ୍ଥାନରେ ମାଟି ଇଟା ପୋଡ଼ି ବ୍ୟବସାୟ କରାଯାଉଛି । ମାଟି ଇଟା ପୋଡ଼ିବା ପାଇଁ ଜଙ୍ଗଲରୁ ଗଛ କାଟି ପଦା କରାଯାଇଛି। ମାଟି ଇଟା ପୋଡ଼ାକୁ ସମ୍ପୂର୍ଣ୍ଣ ବନ୍ଦ କରିବା ପରିବର୍ତ୍ତେ ଅଳ୍ପ କିଛି ଫାଇନ୍ କାଟି ଦେଇ ମାଟି ଇଟା ବେପାରୀକୁ ପ୍ରୋତ୍ସାହନ ଯୋଗାଉଛନ୍ତି ରାଜସ୍ୱ ବିଭାଗ କର୍ମଚାରୀ । ଜଙ୍ଗଲରୁ କାଠ ଆଣି ଇଟା ପୋଡ଼ା ଯାଉଥିବା ବନ କର୍ମଚାରୀ ଜାଣୁଥିଲେ ମଧ୍ୟ ସେଥିରେ ରୋକ୍ ଲାଗି ପାରୁନି । ମାଟି ଇଟା ପ୍ରତି ଲୋକଙ୍କ ଚାହିଦା ରହିଛି । ତେଣୁ ଯେତେ ଇଟା ପକେଇଲେ ବି ବିକ୍ରି ହୋଇଯାଉଛି । ଆମେ ତହସିଲ ଓ ଫରେଷ୍ଟ ଅଧିକାରୀଙ୍କ ସହିତ କଥା ହେବା ସହ ସେମାନଙ୍କ କଥା ବୁଝି ସାରିବା ପରେ ଇଟାଭାଟିରେ ନିଆଁ ଲଗାଉଛୁ ବୋଲି ଜଣେ ଇଟା ବେପାରୀ ନିଜର ନାମ ଗୋପନ ରଖି କହିଛନ୍ତି। ତେବେ ମାଟି ଇଟା ପୋଡ଼ାକୁ ସମ୍ପୂର୍ଣ୍ଣ ବନ୍ଦ କରା ନ ଗଲେ ଜଙ୍ଗଲ ଉଜୁଡିବା ସହ ପରିବେଶ ପ୍ରଦୂଷଣ ଓ ଭୀଷଣ ଗ୍ରୀଷ୍ମ ପ୍ରବାହରେ ଜନ ଜୀବନ ନଷ୍ଟ ହୋଇଯିବ ବୋଲି କହିଛନ୍ତି ପରିବେଶବିତ୍। ମାଟି ଇଟା ପୋଡ଼ା ବାବଦରେ ନୂଆଗାଁ ତହସିଲଦାର ହେମନ୍ତ କୁମାର ନାୟକଙ୍କୁ ପଚାରିବାରେ ଇଟା ପୋଡ଼ିବା ପାଇଁ ଆମେ ଅନୁମତି ଦେଉନାହୁଁ। ଅଭିଯୋଗ ପାଇଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ବୋଲି କହିଛନ୍ତି।

# ନାମାଙ୍କନପତ୍ର ଦାଖଲ କଲେ ଅରୁଣ



ସମର୍ଥକଙ୍କ ଗହଣରେ ପ୍ରାର୍ଥିପତ୍ର ଦାଖଲ କରିବାକୁ ଅରୁଣ ସାହୁ ଆସୁଛନ୍ତି।

ନୟାଗଡ଼,୬।୫ (ଲୋକନାଥ ମିଶ୍ର)

## ୧୫ ହଜାରରୁ ଉର୍ଦ୍ଧ୍ୱ ସମର୍ଥକ ଶୋଭାଯାତ୍ରାରେ ସାମିଲ

ବିଜେଡିର ନୟାଗଡ଼ ବିଧାୟକ ପ୍ରାର୍ଥୀ ଅରୁଣ କୁମାର ସାହୁ ସୋମବାର ନାମାଙ୍କନ ପତ୍ର ରିଟର୍ଣ୍ଣି ଅଫିସର ନୟାଗଡ଼ ଉପଜିଲାପାଳ କର୍ଣ୍ଣଦେବ ସମାଦାରଙ୍କ ନିକଟରେ ଦାଖଲ କରିଛନ୍ତି । ନୟାଗଡ଼ ସହରର ୧୫ ହଜାରରୁ ଉର୍ଦ୍ଧ୍ୱ କର୍ମୀ, ସମର୍ଥକଙ୍କ ଶୋଭାଯାତ୍ରାରେ ସେ ନାମାଙ୍କନ ଦାଖଲ କରିବାକୁ ଆସିଥିଲେ। ଏହି ଶୋଭାଯାତ୍ରା ଦଳୀୟ କାର୍ଯ୍ୟାଳୟ ଦୁର୍ଗାପ୍ରସାଦଠାରୁ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ପହଞ୍ଚିଥିଲା। ଶୋଭାଯାତ୍ରାରେ ଯୁବ, ଛାତ୍ର, ମହିଳା, ବରିଷ୍ଠ ନାଗରିକ ପରି ବିଭିନ୍ନବର୍ଗର ଲୋକଙ୍କୁ ଦେଖିବାକୁ ମିଳିଥିଲା। ଅରୁଣ ସାହୁ ଜିନ୍ଦାବାଦ, ଶଙ୍ଖ ଚିହ୍ନ ଜିନ୍ଦାବାଦ, ଅରୂପ ପଟ୍ଟନାୟକ ଓ ନବୀନ ପଟ୍ଟନାୟକ ଜିନ୍ଦାବାଦ ଧ୍ୱନୀ ଶୁଣିବାକୁ ମିଳିଥିଲା । ଶୋଭାଯାତ୍ରାରେ ଏମ୍‌ପି ପ୍ରାର୍ଥୀ ଅରୂପ ପଟ୍ଟନାୟକ, ରାଜ୍ୟସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ, ଦଶପଲ୍ଲା ବିଧାୟକ ପ୍ରାର୍ଥୀ ରମେଶ ଚନ୍ଦ୍ର ବେହେରା, ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ, ନୟାଗଡ଼ ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁ, ଓଡ଼ଗାଁ ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁ, ନୟାଗଡ଼ ମ୍ୟୁନିସିପାଲିଟି ଅଧ୍ୟକ୍ଷା ନିରୁପମା ଖଟେଇ ଓ ଉପାଧ୍ୟକ୍ଷ ଗୁରୁ ପ୍ରସାଦ ଜେନା, ନୟାଗଡ଼ ଜିଲା ମହିଳା ବିଜୁ ଜନତା ଦଳ ସଭାନେତ୍ରୀ ବିରଜା ଲକ୍ଷ୍ମୀ ସାହୁ ପ୍ରମୁଖ ସାମିଲ ହୋଇଥିଲେ ।

# ଶେଷ ହେଲା ନାମାଙ୍କନପତ୍ର ଦାଖଲ

ନୟାଗଡ଼,୬।୫ (ଲୋକନାଥ ମିଶ୍ର)

- ନୟାଗଡ଼ରୁ ୭, ଖଣ୍ଡପଡ଼ାରୁ ୧୦, ରଣପୁରରେ ୯ ପ୍ରାର୍ଥୀ
- ଦଶପଲ୍ଲାରେ ୮ ପ୍ରାର୍ଥୀଙ୍କ ପ୍ରାର୍ଥିପତ୍ର କାଏମ

ନୟାଗଡ଼ ଜିଲାର ନୟାଗଡ଼, ରଣପୁର ଓ ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀ ପାଇଁ ୨୫ ତାରିଖରେ ଭୋଟ ହେବାକୁ ଥିବାବେଳେ ନାମାଙ୍କନ ପତ୍ର ଦାଖଲ ସୋମବାର ଶେଷ ହୋଇଛି । ନୟାଗଡ଼ରେ ୭, ରଣପୁରରେ ୯ ଓ ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀରୁ ୧୦ଜଣ ପ୍ରାର୍ଥୀ ୧୫ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ସେହିଭଳି ଦଶପଲ୍ଲା ନିର୍ବାଚନ ମଣ୍ଡଳୀରେ ୮ ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର କାଏମ ରହିଛି । ନୟାଗଡ଼ ନିର୍ବାଚନମଣ୍ଡଳୀରୁ ବିଜେଡିରୁ ଅରୁଣ କୁମାର ସାହୁ, କଂଗ୍ରେସରୁ ରଣଜିତ୍ ଦାଶ, ଭାଜପାରୁ ପ୍ରତ୍ୟୁଷା ରାଜେଶ୍ୱରୀ ସିଂ, ପଞ୍ଜିକୃତ ଓ ଅଣ ପଞ୍ଜିକୃତ ରାଜନୈତିକ ଦଳରୁ ଗିରିଧାରୀ ରାଉତ, ସ୍ୱାଧୀନରୁ ହେମନ୍ତ ପୃଷ୍ଟି, ସନ୍ତୋଷ ନାରାୟଣ, ଶ୍ରୀକାନ୍ତ ଦାଶ ପ୍ରମୁଖ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି । ରଣପୁର ନିର୍ବାଚନମଣ୍ଡଳୀରୁ ଭାଜପାରୁ ସୁରମା ପାଢ଼ୀ, ବିଜେଡିରୁ ସତ୍ୟନାରାୟଣ ପ୍ରଧାନ, କଂଗ୍ରେସରୁ ବିଭୁ ପ୍ରସାଦ ମିଶ୍ର, ସିପିଆଇ(ଏମ୍)ରୁ ସରୋଜ କୁମାର ନାୟକ, ଆମ ଆଦମି ପାର୍ଟିରୁ ସୁଧିର କୁମାର ଦାସ, ସୋସିଆଲିଷ୍ଟ ୟୁନିଟ୍ ସେଣ୍ଟର ଅଫ୍ ଇଣ୍ଡିଆ(କମ୍ୟୁନିଷ୍ଟ)ରୁ କୃଷ୍ଣଚନ୍ଦ୍ର ମହାପାତ୍ର, ସ୍ୱାଧୀନ ଭାବେ ହୁଲାସ ବାରିକ, ସନ୍ତୋଷ କୁମାର ସାହୁ, ରେଣୁବାଳା ମହାନ୍ତି ପ୍ରମୁଖ ଅନୁରୂପ ଭାବେ ନାମାଙ୍କନ ପତ୍ର ଭରିଛନ୍ତି । ସେହିଭଳି ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀରୁ କଂଗ୍ରେସରୁ ବୈଜୟନ୍ତୀବାଳା ମହାନ୍ତି, ଭାଜପାରୁ ଓ ସ୍ୱାଧୀନରୁ ଦୁଷ୍ମନ୍ତ କୁମାର ସ୍ୱାଇଁ, ବିଜେଡିରୁ ସାବିତ୍ରୀ ପ୍ରଧାନ୍ ୨ସେଟ୍ ଓ ସ୍ୱାଧୀନରୁ ୧ସେଟ୍, ଓଡିଶା ଜନତା ପାର୍ଟିରୁ ତ୍ରିନାଥ ନାୟକ, ମାନସ ଲୋକଶକ୍ତି ଦଳରୁ ରଶ୍ମିତା ବେହେରା, ସ୍ୱାଧୀନରୁ ମଲି ବେହେରା, ଶିବ ନାରାୟଣ ମହାନ୍ତି, ଲୋପାମୁଦ୍ରା ଷଡ଼ଙ୍ଗୀ, ଜିତେନ୍ଦ୍ର ବେହେରା, ଅନୁଭବ ପଟ୍ଟନାୟକ ୩ ସେଟ୍ ନାମାଙ୍କନ ଭରିଛନ୍ତି ।

ସେହିଭଳି ଦଶପଲ୍ଲା ନିର୍ବାଚନ ମଣ୍ଡଳୀରେ ବିଜେଡିର ରମେଶ ଚନ୍ଦ୍ର ବେହେରା, ଭାଜପାର ରାଘବ ମଲିକ, କଂଗ୍ରେସର ନକୁଳ ନାୟକ, ମାନସଲୋକଶକ୍ତି ଦଳର ସନ୍ତୋଷ ନାୟକ, ବହୁଜନ ସମାଜ ପାର୍ଟି କାହ୍ନୁ ଚରଣ ନାୟକ,ସ୍ୱାଧୀନରୁ ଇନ୍ଦୁମତି ନାୟକ, ସୁରଥ ନାୟକ, ରବୀନ୍ଦ୍ର ସେଠୀ ପ୍ରମୁଖ ୮ ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର କାଏମ ରହିଛି। ଏହି ନିର୍ବାଚନମଣ୍ଡଳୀରେ ସୋମବାର ନାମାଙ୍କନ ପତ୍ର ପ୍ରତ୍ୟାହାର ଦିନ ଥିଲେ ମଧ୍ୟ କେହି ପ୍ରତ୍ୟାହାର କରି ନାହାନ୍ତି।

ସେଲ୍ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ଜଗନ୍ନାଥ



@ କୁନାଲ



@ ମୋଜାଫର



@ ପ୍ରଶାନ୍ତ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଶର୍ଟ ସର୍କିଟରୁ ନିଆଁ, ଲକ୍ଷାଧିକ ଟଙ୍କାର ସାମଗ୍ରୀ ନଷ୍ଟ

ନୂଆଗାଁ,୬।୫(ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ବାହାଡ଼ାଖୋଲା ପଞ୍ଚାୟତ ଫୁଲେଶ୍ୱର ନୂଆସାହିରେ ସୋମବାର ଗୋଟିଏ ଘରେ ସର୍ଟ ସର୍କିଟ ଯୋଗୁ ନିଆଁ ଲାଗି ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଛି । ମିଳିଥିବା ସୂଚନା ମୁତାବକ ବାହାଡାଖୋଲା ପଞ୍ଚାୟତ ଫୁଲେଶ୍ୱର ନୂଆସାହି ଗ୍ରାମର ବାସୁଦେବ ସାହୁଙ୍କ ଉପର ମହଲାରୁ ପୂର୍ବାହ୍ନ ୧୦ଟା ସମୟରେ ନିଆଁ ବାହାରୁ ଥିବାର ଦେଖିବାକୁ ମିଳିଥିଲା । ନିଆଁର ପ୍ରଖରତା ଯୋଗୁ ଘରେ ପଶି ଘର ଭିତରୁ ଜିନିଷ ବାହାର କରିବା ଅସମ୍ଭବ ହୋଇଥିଲା । ତେଣୁ ଘରେ ଥିବା ଟିଭି, ଫ୍ରିଜ୍, କୁଲର, ସୋଫା ସେଟ୍, ଏସି ଆଦି ପୋଡ଼ି ପାଉଁଶ ହୋଇଯାଇଥିଲା । ଖବର ପାଇ ଓଡ଼ଗାଁ ଦମକଳବାହିନୀ ପହଞ୍ଚି ନିଆଁକୁ ଆୟତ କରିଥିଲେ । ବିଦ୍ୟୁତ୍ ସର୍ଟସର୍କିଟ ଯୋଗୁ ନିଆଁ ଲାଗିଥିବା ଜଣା ପଡିଛି।

# ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ: ହତ୍ୟା ଅଭିଯୋଗ ଆଣିଲେ ବାପା

ଦଶପଲ୍ଲା,୬।୫(ପ୍ରକାଶ କୁମାର ପାଣି)

ଦଶପଲ୍ଲା ଥାନା ଅନ୍ତର୍ଗତ ପୁରୁଣା ଦଶପଲ୍ଲା ଗ୍ରାମରେ ଜଣେ ମହିଳାଙ୍କ ରବିବାର ରାତିରେ ପରଲୋକ ହୋଇଯାଇଛି । ମୃତକ ହେଲେ ସୁଷମା ନାୟକ(୨୫) । ସୁଷମାଙ୍କ ଶାଶୁଘର ପକ୍ଷରୁ ସେ ଆତ୍ମହତ୍ୟା କରିଥିବା କୁହାଯାଇଛି । ହେଲେ ମୃତ ମହିଳାଙ୍କ ବାପଘର ପକ୍ଷରୁ ଝିଅକୁ ହତ୍ୟା କରାଯାଇଥିବା ଅଭିଯୋଗ କରାଯାଇଛି । ଏହାକୁ ନେଇ ପୋଲିସ ଏକ ହତ୍ୟା ମାମଲା ରୁଜୁ କରିଛି । ମୃତ ମହିଳାଙ୍କ ସ୍ୱାମୀ ବିକାଶ ନାୟକଙ୍କୁ ଥାନାରେ ଅଟକ ରଖି ପୋଲିସ ତଦନ୍ତ ଜାରି ରଖିଛି।

ସୂଚନା ଅନୁଯାୟୀ, ପୁରୁଣା ଦଶପଲ୍ଲା ଗ୍ରାମର ବିକାଶ ନାୟକ ପ୍ରଥମେ ସୁଷମାଙ୍କୁ ବିବାହ କରିଥିଲେ। ତାଙ୍କର ୨ ପିଲା ଅଛନ୍ତି। ପୁନର୍ବାର ସେ ଆଉ ଜଣେ ମହିଳାଙ୍କୁ ବିବାହ କରିଥିଲେ । ସୁଷମାଙ୍କ କୌଣସି କାରଣରୁ ରବିବାର ପରଲୋକ ଘଟିଥିଲା। ଦଶପଲ୍ଲା ଡ଼ାକ୍ତରଖାନାରେ ସୋମବାର ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ସେ ଆତ୍ମହତ୍ୟା କରିଥିବା ସ୍ୱାମୀ ଘର ପକ୍ଷରୁ କୁହାଯାଇଥିଲା ବେଳେ ଝିଅର ବାପଘର ପକ୍ଷରୁ ହତ୍ୟା ଅଭିଯୋଗ ଅଣାଯାଇଛି । ପୋଲିସ ଏକ ହତ୍ୟା ମାମଲା(ନଂ.୧୦୮/୨୪) ରୁଜୁ କରି ଘଟଣାର ତଦନ୍ତ ଚାଲିଛି ବୋଲି ଦଶପଲ୍ଲା ଥାନା ଆଇଆଇସି ମୁକେଶ କୁମାର ବେହେରା କହିଛନ୍ତି।

# ଇଟାମାଟିରେ କଂଗ୍ରେସ କର୍ମୀ ସମ୍ମିଳନୀ

ନୟାଗଡ଼,୬।୫ (ଲୋକନାଥ ମିଶ୍ର)

ନୟାଗଡ଼ ବ୍ଲକ ଇଟାମାଟି ପଞ୍ଚାୟତ ଯୁବ ନେତା ପ୍ରମୋଦ କୁମାର ନାୟକଙ୍କ ସଂଯୋଜନାରେ ଇଟାମାଟି କଂଗ୍ରେସ କାର୍ଯ୍ୟାଳୟଠାରେ ଦଳୀୟ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ ନୟାଗଡ଼ କଂଗ୍ରେସ ବିଧାୟକ ପ୍ରାର୍ଥୀ ରଣଜିତ ଦାଶ ଯୋଗ ଦେଇ କଂଗ୍ରେସର ଗଡ଼ ଇଟାମାଟିରେ ପୁଣି ଏକଜୁଟ ହୋଇ କଂଗ୍ରେସକୁ ସଶକ୍ତ କରାଇ ଡବଲ ହାତ ଚିହ୍ନରେ ଭୋଟ ଦେବା ପାଇଁ କର୍ମୀମାନଙ୍କୁ ନିବେଦନ କରିଥିଲେ । ବିଜେଡି ଶାସନରେ ଇଟାମାଟି ପଞ୍ଚାୟତରେ ୫୦ କୋଟି ଟଙ୍କାର ଧାନ କିଣା ଦୁର୍ନୀତି, ଏମ୍‌ଜିଏନ୍‌ଆରଇଜିଏସ୍‌ରେ ୨ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ଗୁହାଳ ଦୁର୍ନୀତି ହୋଇଛି। ସେହିପରି କେତେଜଣ ପ୍ରମୁଖ ବିଜେଡି ନେତା ସରକାରୀ ଜମି ନିଜ କବ୍‌ଜାକୁ ନେଇ ପ୍ଲଟିଂ କରି ବିକ୍ରି କରୁଥିବାରୁ ଇଟାମାଟିକୁ ଦୁର୍ନୀତିର ପାହାଡ଼ କରାଯାଇଥିବା ଅଭିଯୋଗ କରିଥିଲେ। ପିସିସି ସାଧାରଣ ସମ୍ପାଦକ ହୁସେନ ଖାଁ, ଡିସିସି ଉପସଭାପତି କମଳ ଚରଣ ସାହୁ ଇଟାମାଟିରେ କଂଗ୍ରେସ୍‌କୁ ଫେରାଇ ଆଣିବା ପାଇଁ ଘର ଘର ବୁଲି ନିବେଦନ କରାଯିବ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବ୍ଲକ କଂଗ୍ରେସ ସଭାପତି ଫକୀର ଚରଣ ମଲ, ଡିସିସି ମୁଖପାତ୍ର ବୃନ୍ଦାବନ ନାୟକ, ଇଟାମାଟି କଂଗ୍ରେସ ସଭାପତି ମହେଶ୍ୱର ପ୍ରଧାନ,ଅକ୍ଷୟ ସାହୁ, ଅଧିକାରୀ ମହାରଣା, ଅନ୍ତର୍ଯ୍ୟାମୀ ସାହୁ, ଗଣେଶ ପ୍ରଧାନ, ପିଣ୍ଟୁ ସାହୁଙ୍କ ସମେତ ଇଟାମାଟିର ପୁରୁଖା ଯୁବନେତା ଓ କର୍ମୀ ଯୋଗ ଦେଇଥିଲେ।





କର୍ମୀ ସମ୍ମିଳନୀରେ କଂଗ୍ରେସର ନେତା ଓ ସମର୍ଥକ।

# ଶୁଖିଲା ପଡ଼ିଛି ମହାନଦୀ

ଖଣ୍ଡପଡ଼ା,୬।୫(ଅଜୟ କୁମାର ମହାରଣା)

## ଜୀବିକା ହରାଉଛନ୍ତି ମତ୍ସ୍ୟଜୀବୀ

## ତଟବର୍ତ୍ତୀ ଅଞ୍ଚଳବାସୀ ପ୍ରଭାବିତ

ଛତିଶଗଡ଼ ସରକାର ମହାନଦୀ ଉପରମୁଣ୍ଡରେ ଛୋଟ ବଡ଼ ୫୦ରୁ ଉର୍ଦ୍ଧ୍ୱ ବ୍ୟାରେଜ ତଥା ପ୍ରକଳ୍ପ ନିର୍ମାଣ କରିବା ଫଳରେ ଏହାର ପ୍ରଭାବ ଓଡ଼ିଶା ଉପରେ ପଡିଛି। ନୟାଗଡ଼ ଜିଲା ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀ ମହାନଦୀ ଉପକୂଳରେ ଥିବା ୬ ପଞ୍ଚାୟତ ଅଞ୍ଚଳ ଗଭୀର ଭାବେ ପ୍ରଭାବିତ ହୋଇଛି। ଚିରସ୍ରୋତା ମହାନଦୀର ଯେଉଁ ସ୍ଥାନରେ ଅକାତ, କାତ ପାଣି ଥିଲା, ସେଠି ଏବେ ବାଲିର ପାହାଡ ସୃଷ୍ଟି ହୋଇଛି। ମହାନଦୀ ଅବବାହିକାରେ ଦ୍ରୁତ ଜଙ୍ଗଲ କ୍ଷୟ ଯୋଗୁ ନଦୀ ଗର୍ଭ କ୍ରମେ ବାଲି ପୋତି ହୋଇଯାଉଛି। ଏଥିଯୋଗୁ ଖଣ୍ଡପଡ଼ାର ସିଧାମୂଳା, ବଡବାଣପୁର, କଣ୍ଟିଲୋ, ପଥରଚକଡା, ପଦ୍ମାବତୀ, କରବର ଆଦି ପଞ୍ଚାୟତ ଜନସାଧାରଣ ଗଭୀର ଭାବେ ପ୍ରଭାବିତ ହୋଇଛନ୍ତି।

ମହାନଦୀର ଜଳକୁ ଆଧାର କରି ଗଢି ଉଠିଥିବା ପାନୀୟ ଜଳ ଓ ସେଚ ପ୍ରକଳ୍ପ ଗୁଡିକ ବନ୍ଦ ହୋଇ ପଡିଛି। ସିଧାମୂଳା ଗ୍ରାମଠାରେ ମହାନଦୀ ଉପକୂଳରେ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଇନ୍‌ଟେକ୍ ୱେଲ୍ ପୋତି ହୋଇଯିବା ଫଳରେ ପ୍ରାୟ ୧୦ ଲକ୍ଷ ଟଙ୍କା ପାଣିରେ ପଡିଛି। ସେହିଭଳି ବଡ଼ବାଣପୁର ଗ୍ରାମଠାରେ ଥିବା ୭୦ ଲକ୍ଷ ଟଙ୍କାର କେଏଫ୍‌ଡବ୍ଲ୍ୟୁ ମେଗା ଜଳସେଚନ ପ୍ରକଳ୍ପ ସମ୍ପୂର୍ଣ୍ଣ ଅଚଳ ହୋଇପଡିବା ସହ ଲକ୍ଷାଧିକ ଟଙ୍କାର ଯନ୍ତ୍ରାଂଶ ଖତ ଖାଉଛି। ଅପରପକ୍ଷେ ବାଣପୁର ନିକଟ ମହାନଦୀରେ ନୟାଗଡ଼କୁ ପାନୀୟ ଜଳ ଯୋଗାଣ ପାଇଁ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରତିଷ୍ଠା ହୋଇଥିବା ପାନୀୟ ଜଳ ଯୋଗାଣ ପ୍ରକଳ୍ପ ମହାନଦୀରେ ବାଲି ଜମା ହୋଇଯାଇଥିବାରୁ ଜଳ ଯୋଗାଣ ପ୍ରକଳ୍ପ ପ୍ରଭାବିତ ହୋଇଛି। ଏବେ ମହାନଦୀର ବାଲିରେ ଟ୍ରେଞ୍ଚ ଖୋଳାଯାଇ ପ୍ରକଳ୍ପ ମଧ୍ୟକୁ ପାଣିର ସ୍ରୋତ ପାଇଁ ବ୍ୟବସ୍ଥା କରାଯାଉଛି । ସେହିଭଳି କଣ୍ଟିଲୋ ଗ୍ରାମରେ ମଧ୍ୟ ପାନୀୟ ଜଳ ଯୋଗାଣ ପ୍ରଭାବିତ ହେବା ସହ ଛୋଟ ସେଚ ପ୍ରକଳ୍ପ ଗୁଡିକ ମଧ୍ୟ ବନ୍ଦ ହୋଇଯାଇଛି। ସାମ୍ପ୍ରତିକ ସ୍ଥିତିରେ ମହାନଦୀର ଜଳସ୍ତର ଏଭଳି କମିଯାଇଛି ଯେ, ଭବିଷ୍ୟତରେ ଏହା ସାଙ୍ଘାତିକ ରୂପ ନେବାର ଆଶଙ୍କା ସୃଷ୍ଟି ହୋଇଛି। ମହାନଦୀ ଜଳକୁ ଆଧାର କରି ଉପକୂଳବର୍ତ୍ତୀ ଗ୍ରାମର ମତ୍ସ୍ୟଜୀବିମାନଙ୍କ ଜୀବିକା ଗଭୀର ଭାବେ ପ୍ରଭାବିତ ହୋଇଛି। ଦୈନିକ ମହାନଦୀରୁ ମାଛଧରି ବ୍ୟବସାୟ କରି ପ୍ରତିପୋଷଣ ହେଉଥିବା ମତ୍ସ୍ୟଜୀବୀଙ୍କ ବେଉଷା ଚାଲିଯିବା ପରେ ସେମାନଙ୍କ ପରିବାର ଆର୍ଥିକ ଅନାଟନ ମଧ୍ୟରେ ଗତି କରୁଛନ୍ତି । ଅନେକେ ବ୍ୟବସାୟ ଛାଡି ଦାଦନ ମୁହାଁ ହେଲେଣି। ଏହା ସହ ସ୍ଥାନୀୟ ମାଛ ବଜାରରେ ମହାନଦୀର ମଧୁର ମାଛ ସ୍ୱପ୍ନ ପାଲଟିଗଲାଣି।

ଅପରପକ୍ଷେ ଶତାଧିକ ଚାଷୀ ନଦୀ ପଠାରେ ବିଭିନ୍ନ ପନି ପରିବା ଚାଷ କରି ପରିବାର ପ୍ରତିପୋଷଣ କରୁଥିବା ବେଳେ ସାମ୍ପ୍ରତିକ ପରିସ୍ଥିତିରେ ଜଳସ୍ତର ହ୍ରାସ ସାଙ୍ଗକୁ ବାଲି ପୋତି ହୋଇଯିବା ଯୋଗୁ ସମସ୍ୟା ସୃଷ୍ଟି କୋଇଛି ।

ମହାନଦୀ ଓଡ଼ିଶାର ଜୀବନରେଖା ହୋଇଥିବା ବେଳେ ଚିରସ୍ରୋତା ମହାନଦୀ ଏବେ ସତ୍ତା ହରାଇବାକୁ ବସିଛି। ଫଳରେ ମହାନଦୀ କୂଳବର୍ତ୍ତୀ ଚାଷୀ, ଜନସାଧାରଣ ଏହାର କୁପରିଣାମ ଭୋଗିବାକୁ ଯାଉଛି। ମହାନଦୀର ଏପରି ସ୍ଥିତିକୁ ଦେଖି ପରିବେଶବିତ୍ ଓ ବୁଦ୍ଧିଜୀବିମାନେ ତୀବ୍ର ପ୍ରତିକ୍ରୀୟା ପ୍ରକାଶ କରୁଥିବା ବେଳେ ରାଜ୍ୟ ସରକାର ଏ ସମ୍ପର୍କରେ ଅବଗତ ଥିଲେ ହେଁ କୌଣସି ଆଶୁ ପଦକ୍ଷେପ ଗ୍ରହଣ କରୁ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସରକାର କ୍ଷୁଦ୍ର ଜଳସେଚନ ବିଭାଗ ଓ ବ୍ଲକ୍ ପ୍ରଶାସନ ଜରିଆରେ ଅନେକ କୋଟି ଟଙ୍କା ବ୍ୟୟ କରି ବିଭିନ୍ନ ସ୍ଥାନରେ ଛତୁ ଫୁଟିଲା ଭଳି ଚେକ୍ ଡ୍ୟାମ୍ ନିର୍ମାଣ କରିଛନ୍ତି। ମାତ୍ର ଠିକଣା ସମୟରେ ଚେକ୍ ଡ୍ୟାମ୍ ଗୁଡ଼ିକ ଚାଷୀଙ୍କ କାର୍ଯ୍ୟରେ ନ ଆସି ଶୁଖିଲା ପଡୁଥିବାରୁ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଉଛି। ଏଥିପ୍ରତି ରାଜ୍ୟ ସରକାରଙ୍କ ଜଳସେଚନ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ, ସଚିବ ଓ ସର୍ବୋପରି ଲୋକପ୍ରତିନିଧିମାନେ ଦୃଷ୍ଟି ଦେବାକୁ ବୁଦ୍ଧିଜୀବି ମହଲରୁ ଦାବି ହେଉଛି।

